## ସଂକ୍ଷେପରେ

### ତିର୍ତ୍ତୋଲ ଦାୟିତ୍ୱ ବାଣ୍ଟିଲା କଂଗ୍ରେସ

ଭୁବନେଶ୍ୱର, ୩।୧୦(ବ୍ୟୁରୋ): ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ପାଇଁ ତାରିଖ ପାଖେଇ ଆସୁଥିବା ବେଳେ ଏବେଠାରୁ ସବୁଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଶନିବାର କଂଗ୍ରେସ ପକ୍ଷରୁ ତିର୍ତ୍ତୋଲ ଉପନିର୍ବାଚନ ଦାୟିତ୍ୱ ନେତାମାନଙ୍କ ମଧ୍ୟରେ ବଣ୍ଟାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକ ପାଇଁ ଦଳୀୟ ନେତୃବୃନ୍ଦଙ୍କୁ ଦାୟିତ୍ୱ ଅର୍ପଣ କରିଛନ୍ତି। ରଘୁନାଥପୁର ବ୍ଲକ ପାଇଁ ଗୁରୁପଦ ନନ୍ଦ ଓ ମାନସ ଚୌଧୁରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବିରିଡି ବ୍ଲକ ବନ୍ଦିତା ପରିଡା ଓ ଗଣେଶ୍ୱର ବେହେରା ଏବଂ ତିର୍ତ୍ତୋଲ ବ୍ଲକ ଅମରନାଥ ପ୍ରଧାନ, ଶୁଭେନ୍ଦୁ ମହାନ୍ତି ଓ ଅରିନ୍ଦମ ସର୍ଖେଲଙ୍କୁ ଦାୟିତ୍ୱ ଦିଆଯାଇଛି। ଦଳୀୟ ପ୍ରଚାର ସୁଚାରୁରୂପେ ସମ୍ପାଦନ ଲାଗି ମଧ୍ୟ ନାମ ଚୟନ କରାଯାଇଛି। କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲା କୁମାର, ପିସିସି ସଭାପତି, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ପ୍ରଦୀପ ମାଝି, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଶରତ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନ, ଭକ୍ତ ଚରଣ ଦାସ, ରାମଚନ୍ଦ୍ର ଖୁଣ୍ଟିଆ, ରଞ୍ଜୀବ ବିଶ୍ୱାଳ, ସପ୍ତଗିରି ଉଲାକା, ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ରମେଶ ଜେନା, ସନ୍ତୋଷ ସିଂ ସାଲୁଜା, ମହମ୍ମଦ ମୋକିମ୍, ଅଧିରାଜ ମୋହନ ପାଣିଗ୍ରାହୀ, ଦାଶରଥି ଗମାଙ୍ଗ, ସି.ଏସ୍. ରାଜନ ଏକ୍କା, ଗଣେଶ୍ୱର ବେହେରା, ଅମରନାଥ ପ୍ରଧାନ, ଶରତ ରାଉତ, ଅଂଶୁମାନ ମହାନ୍ତି, ଦେବେନ୍ଦ୍ର ଶର୍ମା, ଚିନ୍ମୟ ପ୍ରସାଦ ବେହୁରା, ସଂଗ୍ରାମ କେଶରୀ ଜେନା, ବିଶ୍ୱରଞ୍ଜନ ମହାନ୍ତି, ସତ୍ୟପ୍ରକାଶ ନାୟକ, ବନ୍ଦିତା ପରିଡା, ସ୍ମୃତିରେଖା ପହି, ଉମେଶ ଜେନା, ନଳିନୀ ସ୍ୱାଇଁ, ମନୀଷା ତ୍ରିପାଠୀ ପ୍ରମୁଖ ପ୍ରଚାର କାର୍ଯ୍ୟ ତୁଲାଇବେ। ଏନେଇ କଂଗ୍ରେସ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଜୟଦେବ ଯେନାଙ୍କୁ କରୋନା

ଭୁବନେଶ୍ୱର, ୩।୧୦(ବ୍ୟୁରୋ): ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଜୟଦେବ ଯେନା କରୋନାରେ ସଂକ୍ରମିତ ହୋଇଛନ୍ତି। କୋଭିଡ-୧୯ ପରୀକ୍ଷାରେ ତାଙ୍କର ପଜିଟିଭ୍ ଆସିଛି। ଏନେଇ ଦଳୀୟ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷ ନିଜକୁ ଆଇସୋଲେଟ ହେବାକୁ ସେ ନିବେଦନ କରିଛନ୍ତି। ଏକ ଘରୋଇ ହସ୍ପିଟାଲରେ ସେ ବର୍ତ୍ତମାନ ଚିକିତ୍ସିତ ହେଉଛନ୍ତି।



# ସ୍ନେହ ଶିକୁଳିରେ ପଡ଼ିଛନ୍ତି ବନ୍ଧା

**ଟିକିଏ ଆଦର, ସରାଗ ପାଇ ବଦଳିଯାଇଛନ୍ତି ସେମାନେ। ବଦଳିଯାଇଛି ସେମାନଙ୍କ ହିଂସ୍ର ପ୍ରବୃତ୍ତି। ସେଇଥି ପାଇଁ ତ ସେମାନେ ବନ୍ଧା ପଡ଼ିଛନ୍ତି ସ୍ନେହ ଶିକୁଳିରେ। ଆଧୁନିକ ସମୟରେ ମଣିଷର ମଣିଷପଣିଆ ମରି ମରି ଯାଉଥିବାବେଳେ ଜଙ୍ଗଲୀଜନ୍ତୁ ହୋଇ ବି ସେମାନେ ବୁଝିପାରୁଛନ୍ତି ମନର କଥା। ହାତୀ-ମାହୁନ୍ତ ମଧ୍ୟରେ ଥିବା ଅନାବିଳ ସମ୍ପର୍କର ଏଭଳି ଭାବଧାରା ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲାର କପିଳାସ ପ୍ରାଣୀ ଉଦ୍ୟାନରେ। ଏଠାକାର ରେସ୍କ୍ୟୁ ସେଣ୍ଟରରେ ଥିବା ୪ ପ୍ରଶିକ୍ଷିତ ହାତୀ ଚିଡ଼ିଆଖାନାର ଶୋଭା ବଢ଼ାଉଥିବାବେଳେ ପର୍ଯ୍ୟଟକଙ୍କ ପାଇଁ ସାଜିଛନ୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ। ଅକ୍ଟୋବର ୪ ବିଶ୍ୱ ପ୍ରାଣୀ ମଙ୍ଗଳ ଦିବସ ଅବସରରେ ଏହି ପୋଷା ହାତୀଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

**ଆଜି ବିଶ୍ୱ ପ୍ରାଣୀ ମଙ୍ଗଳ ଦିବସ**

ରତନ ନାୟାର
ଢେଙ୍କାନାଳ ଅଫିସ, ୩।୧୦

ଶିମିଳିପାଳ ପରେ ରାଜ୍ୟର ଦ୍ୱିତୀୟ ହସ୍ତୀବହୁଳ ଜିଲା ଭାବେ ସାରା ଦେଶରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି ଢେଙ୍କାନାଳ। ଜିଲାର ସଂରକ୍ଷିତ ଜଙ୍ଗଲ ଏବଂ ଥଣ୍ଡା ଜଳବାୟୁ ହାତୀଙ୍କ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି। ହେଲେ ଅନେକ ସମୟରେ ଜଙ୍ଗଲରେ ହାତୀ ଶାବକକୁ ମା' ପରିତ୍ୟାଗ କରିବା ଏବଂ ପଲରୁ ଅଲଗା ହୋଇଯାଉଥିବା ହାତୀ ଛୁଆର ରକ୍ଷଣାବେକ୍ଷଣ କରିବାକୁ କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଆରମ୍ଭ ହୋଇଛି ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟର। ଏବେ ଏହି କେନ୍ଦ୍ରରେ ଅଛନ୍ତି ୪ ତାଲିମପ୍ରାପ୍ତ ହାତୀ କାର୍ତ୍ତିକ, ଚନ୍ଦୁ, ଉମା ଏବଂ ହିରୋ। ସେହିପରି ତାଳଚେର ଅଞ୍ଚଳରୁ ଟ୍ରାଙ୍କୁଲାଇଜ୍ ହୋଇ ଆସିବା ପରେ ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ଅଛି ଦନ୍ତା ହାତୀ 'ରାକେଶ'। ଏହି ସବୁ ହାତୀ ଏବେ ଜୁ'ର ପ୍ରମୁଖ ଆକର୍ଷଣ ପାଲଟିଛନ୍ତି।

୨୦୧୦ ଜୁଲାଇ ୭ରେ କଟକ ଜିଲା ଆଠଗଡ଼ ବନଖଣ୍ଡରୁ ଉଦ୍ଧାର ହୋଇ ରେସକ୍ୟୁ ସେଣ୍ଟରକୁ ଆସିଥିଲା 'କାର୍ତ୍ତିକ'। ସେହିପରି ୨୦୧୧ ଡିସେମ୍ବର ୧୪ରେ 'ଚନ୍ଦୁ'କୁ ବରଗଡ଼ ଜିଲା ବନଖଣ୍ଡରୁ, ୨୦୧୨ ସେପ୍ଟେମ୍ବର ୪ରେ 'ଉମା'କୁ ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜରୁ ଏବଂ ୨୦୧୮ରେ 'ହିରୋ'କୁ ସମ୍ବଲପୁର ଜିଲା ବାମରା ବନଖଣ୍ଡର କିସିନ୍ଦା ସଂରକ୍ଷିତ ଜଙ୍ଗଲରୁ ଉଦ୍ଧାର କରି ଅଣାଯାଇଥିଲା। ଏଠାରେ ଥିବା ସବୁଠାରୁ ବୟସ୍କ ହାତୀ କାର୍ତ୍ତିକ ଏବଂ ସବୁଠାରୁ ଛୋଟ ହାତୀ 'ହିରୋ'। ସେହିପରି ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ରହିଛି ଦନ୍ତାହାତୀ 'ରାକେଶ'। ଏବେ ୬ ମାହୁନ୍ତଙ୍କ କାନ୍ଧରେ ହାତୀଙ୍କ ସବୁ ଦାୟିତ୍ୱ। ସମ୍ପୃକ୍ତ ମାହୁନ୍ତଙ୍କ ମଧ୍ୟରେ ଆସାମର ୨ ଜଣ ଅଛନ୍ତି। ଉଭୟେ 'ରାକେଶ' କଥା ବୁଝୁଛନ୍ତି। ସେମାନଙ୍କୁ ଠିକା କର୍ମଚାରୀ ହିସାବରେ ମାସକୁ ୧୮ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ଅନ୍ୟ ୪ଜଣଙ୍କୁ ଦୈନିକ ପାରିଶ୍ରମିକ ହିସାବରେ ୧୧,୨୦୦ ଟଙ୍କା ମିଳୁଛି। ପାରିଶ୍ରମିକ ଯଥେଷ୍ଟ ହେଉ ନ ଥିଲେ ମଧ୍ୟ ହାତୀଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଉଦାହରଣ ସୃଷ୍ଟି କରିଛନ୍ତି ମାହୁନ୍ତମାନେ। ସେମାନଙ୍କ ତତ୍ତ୍ୱାବଧାନରେ ସମ୍ପୂର୍ଣ୍ଣ ପୋଷା ମାନିଯାଇଛନ୍ତି ହାତୀ। ପର୍ଯ୍ୟଟକଙ୍କୁ ଦେଖିଲେ ଶୁଣ୍ଢ ଟେକି ନମସ୍କାର କରିବା, ମୁଣ୍ଡ ହଲାଇବା ଏବଂ ହାତରୁ ଫଳ ନେଇ ଖାଉଛନ୍ତି ସେମାନେ। ଏମାନଙ୍କୁ ବାଦ୍‌ଦେଲେ ପ୍ରାଣୀ ଉଦ୍ୟାନରେ ହରିଣ, ଶମ୍ବର, ଭାଲୁ, ମିଥୁନ ଗାଈ, ଅଜଗର, ଅହିରାଜ, ଠେକୁଆ, ଭାଲୁ, ପାହାଡ଼ି ମୂଷା ଭଳି ୨୪୭ ପ୍ରଜାତିର ପ୍ରାଣୀ ଅଛନ୍ତି। ହେଲେ ଏସବୁ ସତ୍ତ୍ୱେ ଚିଡ଼ିଆଖାନାକୁ ମିଳୁଥିବା ଅନୁଦାନ ପର୍ଯ୍ୟାପ୍ତ ହେଉନାହିଁ। ସେଣ୍ଟ୍ରାଲ ଜୁ' ଅଥରିଟି ଅଫ୍ ଇଣ୍ଡିଆ ଏବଂ ରାଜ୍ୟ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଅଧିକ ଅନୁଦାନ ମିଳିଲେ ଏହି ଚିଡ଼ିଆଖାନା ମହତ୍ତ୍ୱ ଜାତୀୟସ୍ତରରେ ବଢ଼ିବ ବୋଲି ପ୍ରାଣୀପ୍ରେମୀମାନେ ମତ ଦେଇଛନ୍ତି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ହାତୀ ସଂରକ୍ଷଣ ବାର୍ତ୍ତା ପହଞ୍ଚାଇବାକୁ ପ୍ରତିବର୍ଷ ଅଗଷ୍ଟ ୧୨ରେ ବିଶ୍ୱ ହାତୀ ଦିବସ ପାଳନ କରାଯାଉଛି। ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ଚଳିତ ୫ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ରହିଛି। ରେସ୍କ୍ୟୁ ସେଣ୍ଟରରେ ଥିବା ହାତୀଙ୍କ ରକ୍ଷଣାବେକ୍ଷଣ ପାଇଁ ହେଉଥିବା ଖର୍ଚ୍ଚ ମିଳୁଛି। ଆସାମରୁ ଆସିଥିବା ୨ ମାହୁନ୍ତଙ୍କ ଠିକା କର୍ମଚାରୀ ଏବଂ ଅନ୍ୟ ୪ଜଣଙ୍କୁ ଦୈନିକ ହିସାବରେ ମାସକୁ ପାରିଶ୍ରମିକ ଦିଆଯାଉଛି।



ହାତୀ ଉପରେ ଜଣେ ମାହୁନ୍ତ ବସିଛନ୍ତି।

- କପିଳାସ ପ୍ରାଣୀ ଉଦ୍ୟାନର ଆକର୍ଷଣ ୪ ପୋଷା ହାତୀ
- ବୁଝିପାରୁଛନ୍ତି ମଣିଷର ଭାଷା, କରୁଛନ୍ତି ମନୋରଞ୍ଜନ

# କୁଣ୍ଡା ଟ୍ରକ୍‌ରୁ ୪୦ଲକ୍ଷର ଗଞ୍ଜେଇ ଜବତ: ୬ ଗିରଫ



ଜବତ ଗଞ୍ଜେଇ ଓଜନ କରାଯାଉଛି।

ମୁନିଗୁଡ଼ା,୩।୧୦(ଡି.ଏନ୍.ଏ.)

ଅଭିନବ ଉପାୟରେ ଗଞ୍ଜେଇ ଚାଲାଣବେଳେ ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ଶୁକ୍ରବାର ରାତିରେ ଏକ କୁଣ୍ଡା ବୋଝେଇ ଟ୍ରକ୍‌ରୁ ୪୯୮ କେଜି ଗଞ୍ଜେଇ ଜବତ କରିଛି। ୬ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଡଙ୍ଗାସରଡ଼ା ଗ୍ରାମର ସୁନୀଲ୍ ସିଂ, ଦେବାଶିଷ ସିଂ, କଳାହାଣ୍ଡି ଜିଲାର ରାଜେନ୍ଦ୍ର କାକୋଡ଼ିଆ, ସ୍ୱରୂପ ଉଇକେ, ବଲାଙ୍ଗୀର ଜିଲା ତୁସରିଆ ଥାନା ଅଞ୍ଚଳର ବ୍ରଜ ମୋହନ ଛତ୍ରିଆ ଏବଂ ବିହାରର ହରେନ୍ଦ୍ର ସିଂ। ସୂଚନା ଅନୁଯାୟୀ, ଜିଲାର ଚନ୍ଦ୍ରପୁର ବ୍ଲକ୍ ଡଙ୍ଗାସରଡ଼ା ଗ୍ରାମରୁ ଛତିଶଗଡ଼ର ରାୟପୁରକୁ ଗଞ୍ଜେଇ ଚାଲାଣ କରାଯାଉଥିବା ମୁନିଗୁଡ଼ା ପୋଲିସ ସୂଚନା ପାଇଥିଲା। ବିଷମକଟକ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ରାତିରେ ଧୋବାଗୁଡ଼ି ଛକ ନିକଟରେ ଟ୍ରକ୍(ସିଜି ୦୪ ଏମ୍-୯୦୩୬)କୁ ଅଟକାଇଥିଲେ। ଯାଞ୍ଚବେଳେ କୁଣ୍ଡା ମଧ୍ୟରେ ଅତି ଚତୁରତାର ସହ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୋଲିସ ଗଞ୍ଜେଇ ଟ୍ରକ୍ ସହ ସାଥିରେ ଯାଉଥିବା ଏକ ମାରୁତି ଅଲ୍‌ଟୋ କାର୍ ଏବଂ ବାଇକ୍‌କୁ ମଧ୍ୟ ଜବତ କରିଛି। ଏ ନେଇ ମୁନିଗୁଡ଼ା ଥାନା କେସ୍ ନଂ. ୧୩୧/୨୦ରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

# ଗିରଫ ଡାକ୍ତର କୋର୍ଟ ଚାଲାଣ

**ବିବାହ ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର ଘଟଣା**

ବ୍ରହ୍ମପୁର ଅଫିସ,୩।୧୦

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖି ପ୍ରତାରଣା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଡାକ୍ତରଙ୍କୁ ଗିରଫ କରିଛି। ସେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ହାତୀବନ୍ଧ ସାହିର ଡା.ତପନ କୁମାର ଶତପଥୀ। ମାମଲା ନଂ.୯୯/୨୦ ଦଫା ୩୭୬ରେ ଶତପଥୀଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଶତପଥୀ ବୌଦ୍ଧ ଜିଲା କଣ୍ଟାମାଳ ଡାକ୍ତରଖାନାରେ କାର୍ଯ୍ୟରତ ଅଛନ୍ତି। ଗତ କିଛିବର୍ଷ ତଳେ ସେ ଜଣେ ଯୁବତୀଙ୍କ ସଂସ୍ପର୍ଶରେ ଆସିଥିଲେ। ବିବାହ ପାଇଁ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଶାରୀରିକ ସମ୍ପର୍କ ରକ୍ଷା କରିଥିଲେ। କିନ୍ତୁ ପରେ ସେ ସମ୍ପୃକ୍ତ ଯୁବତୀଙ୍କୁ ବିବାହ କରିବାକୁ ମନା କରିଥିଲେ। ଏ ନେଇ ପୀଡ଼ିତା ଜଣକ ମହିଳା ଥାନାରେ ଡାକ୍ତରଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ। ମହିଳା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶୁକ୍ରବାର ପୋଲିସ ଶତପଥୀଙ୍କୁ କଣ୍ଟମାଳରୁ ଗିରଫ କରିଥିଲା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ କୋର୍ଟରେ ଧାରା ୧୬୪ରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି ବୋଲି ପୋଲିସ କହିଛି।



ଗିରଫ ଡାକ୍ତର ତପନ କୁମାର ଶତପଥୀ।

# ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ଶିକ୍ଷାନୀତି ଦିଗ୍‌ଦର୍ଶନ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

**ବିଜୁ ଯୁବ ଛାତ୍ର ଜନତା ଦଳ କର୍ମଶାଳା**

**ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଏକ ନୂତନ ମାର୍ଗଦର୍ଶନ ଦେବ: ମନ୍ତ୍ରୀ**

ବିଜୁଯୁବ ଛାତ୍ର ଜନତା ଦଳ ପକ୍ଷରୁ ଶନିବାର ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ-୨୦୨୦ ସମ୍ପର୍କରେ ଏକ ୱେବିନାର ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ୧,୫୦,୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଅଭିଭାବକ ଏବଂ ବିଶ୍ୱର କୋଣ ଅନୁକୋଣରେ ପ୍ରତିଷ୍ଠିତ ଶିକ୍ଷାବିତ୍‌ମାନେ ଯୋଗ ଦେଇଥିଲେ। ଶିକ୍ଷାବିତ୍‌ମାନେ ନିଜର ମତଦେବା ସହ ଏହି ଅଧ୍ୟାଦେଶକୁ ପ୍ରଶଂସା କରିଥିଲେ। ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ତଥା ଆସୋସିଏଟ୍ ପ୍ରଫେସର ସଞ୍ଜୀବ ପଣ୍ଡା ୱେବିନାରରେ ଯୋଗ ଦେଇ ଏହି ଅଧ୍ୟାଦେଶକୁ ସ୍ୱାଗତ କରିବା ସହ ଏହାଦ୍ୱାରା ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ ଗୋଟିଏ ନିୟମାବଳୀରେ ପରିଚାଳିତ ହୋଇ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ସୁସ୍ଥ ଶୈକ୍ଷିକ ବାତାବରଣ ସୃଷ୍ଟି କରି ପାରିବ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ କହିଥିଲେ, ଓଡ଼ିଶା ସରକାରଙ୍କ ଦ୍ୱାରା ଆଗତ ଏହି ଅଧ୍ୟାଦେଶ ଶିକ୍ଷା ପ୍ରଣାଳୀରେ ନୂତନ ସଂସ୍କାର ଆଣିବ। ଅନ୍ୟ ଶିକ୍ଷାବିତ୍‌ମାନଙ୍କ ମଧ୍ୟରେ ପ୍ରଫେସର ଜୟନ୍ତ ମହାପାତ୍ର, ପୂର୍ବତନ କୁଳପତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅନୁପମା ପାଣ୍ଡେ, ଦୀପ୍ତିରଞ୍ଜନ ସାହୁ, ପ୍ରଫେସର କମଳା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ୱେବିନାରରେ ଯୋଗ ଦେଇ ଉଚ୍ଚଶିକ୍ଷାମନ୍ତ୍ରୀ ଡ. ଅରୁଣ ସାହୁ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ଏହି ନୂତନ ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ ଓଡ଼ିଶାର ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଏକ ନୂତନ ଦିଗ୍‌ଦର୍ଶନ ଦେବ। ଏଥିରେ ଯୋଗ ଦେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାର ଓ ସ୍ୱଚ୍ଛ ନେତୃତ୍ୱ ମାଧ୍ୟମରେ ପ୍ରସ୍ତୁତ ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧ୍ୟାଦେଶ ଓଡ଼ିଶା ବିଶ୍ୱ ଶିକ୍ଷା ସଂସ୍କାର ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ(ଯୁବ ବ୍ୟାପାର) ତଥା ବିଧାୟକ ପ୍ରଣବ ବଳବନ୍ତରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ ସଭାପରିଚାଳନା କରିଥିଲେ।

# କେବିକେ ଯୋଜନା: ୨୦୧୭ରୁ କେନ୍ଦ୍ରୀୟ ଅନୁଦାନ ବନ୍ଦ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

କେବିକେ ଜିଲାରେ କାର୍ଯ୍ୟକାରୀ ହୋଇଥିବା କେବିକେ ସ୍ୱତନ୍ତ୍ର ଯୋଜନା (ସଂଶୋଧିତ ଦୀର୍ଘମିଆଦୀ କ୍ରିୟାଭିମୁଖୀ ଯୋଜନା) ମାଧ୍ୟମରେ କେନ୍ଦ୍ର ସରକାରଙ୍କଠାରୁ ମିଳୁଥିବା ଅନୁଦାନ ୨୦୧୭-୧୮ ଆର୍ଥିକ ବର୍ଷରୁ ବନ୍ଦ ହୋଇଯାଇଛି। ୨୦୧୬-୧୭ ଆର୍ଥିକ ବର୍ଷରେ କେନ୍ଦ୍ରଠାରୁ ଶେଷଥର ପାଇଁ ଅନୁଦାନ ମିଳିଥିଲା। ଏହି ଅନୁଦାନରେ ଗ୍ରାମ୍ୟ ଉନ୍ନୟନ ବିଭାଗ କଳାହାଣ୍ଡି ଜିଲା ପାଇଁ ୨୪କୋଟି ୨ଲକ୍ଷ ଟଙ୍କା ଖର୍ଚ୍ଚ ବ୍ୟବସ୍ଥା କରିଛି। ଏଥିରେ ୧୬ଟି ରାସ୍ତା ପ୍ରକଳ୍ପ ନିର୍ମାଣାଧୀନ ଥିବାବେଳେ ୧୫୩ଟି କଲ୍‌ଭର୍ଟ କାର୍ଯ୍ୟ ନିମନ୍ତେ ଅର୍ଥ ମଞ୍ଜୁର ହୋଇଛି। ଯୋଜନା ଓ ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ବିଧାୟକ ମୌଷଧି ବାଗ୍‌ଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି।

# ଆଜି ବିଧାୟକଙ୍କ କୋଭିଡ୍ ଟେଷ୍ଟ ହେବନି

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ବିଧାନସଭାକୁ ଯାଉଥିବା ବିଧାୟକ ଓ କର୍ମଚାରୀଙ୍କର ରବିବାର କୋଭିଡ୍ ଟେଷ୍ଟ ହେବନାହିଁ ବୋଲି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି। ଏନେଇ ସେ ଶନିବାର ଗୃହରେ ଘୋଷଣା କରିଥିଲେ। କେବଳ ତାପମାତ୍ରା ଓ ଲକ୍ଷଣ ଦେଖାଗଲେ ଆଣ୍ଟିଜେନ୍ ଟେଷ୍ଟ କରାଯିବ। ବିଧାନସଭା ଶେଷଦିନରେ ପୁନର୍ବାର ଆର୍‌ଟିପିସିଆର୍ ଟେଷ୍ଟ କରାଯିବ ବୋଲି ବାଚସ୍ପତି କହିଛନ୍ତି। ସୂଚନାଯୋଗ୍ୟ, ୪ ତାରିଖରେ ପୁନର୍ବାର ବିଧାୟକଙ୍କ କୋଭିଡ୍ ଟେଷ୍ଟ ହେବା ନେଇ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ପାନ୍ଥନିବାସ ଲିଜ୍ ଦିଆଗଲେ ନିଯୁକ୍ତି ହରାଇବେନି କର୍ମଚାରୀ

ଭୁବନେଶ୍ୱର,୩।୧୦(ବ୍ୟୁରୋ)

ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ଦ୍ୱାରା ପରିଚାଳିତ ପାନ୍ଥନିବାସ ଓ ପାନ୍ଥିକାଗୁଡ଼ିକ ମଧ୍ୟରୁ ୫ଟି ପାନ୍ଥନିବାସକୁ ପିପିପି ମାଧ୍ୟମରେ ଲିଜ୍ ସୂତ୍ରରେ ଦିଆଯିବ। ପାନ୍ଥନିବାସଗୁଡ଼ିକର ଉନ୍ନତି ଏବଂ ପରିଚାଳନା ନିମନ୍ତେ ଲିଜ୍ ଦେବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା କୌଣସି କର୍ମଚାରୀ ନିଯୁକ୍ତି ହରାଇବେ ନାହିଁ ବୋଲି ବିଧାନସଭାରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ରାଜ୍ୟରେ ୨୦ଟି ପାନ୍ଥନିବାସ/ପାନ୍ଥିକା ଥିବାବେଳେ ସେଥିରୁ ଧଉଳିସ୍ଥିତ ପାନ୍ଥିକା, ଭଦ୍ରକ ପାନ୍ଥନିବାସ, ଗୋପାଳପୁର ପାନ୍ଥନିବାସ, ତପ୍ତପାଣି ପାନ୍ଥନିବାସ ଓ ବାଲେଶ୍ୱର ପାନ୍ଥନିବାସକୁ ଲିଜ୍‌ରେ ଦିଆଯିବ। ଏହାକୁ ପରିଚାଳନା କରିବା ସଂସ୍ଥା ଓ ସେମାନଙ୍କ ଠାରୁ ମିଳିବାକୁ ଥିବା ଅପ୍‌ଫ୍ରଣ୍ଟ ଫି, ବିଡିଂ ପ୍ରକ୍ରିୟା ସମାପ୍ତ ହେବାପରେ ସ୍ଥିରୀକୃତ ହେବ। ଏହି ୫ଟି ପାନ୍ଥନିବାସ/ପାନ୍ଥିକାରେ ନିୟୋଜିତ ମୋଟ ୧୦ଜଣ କର୍ମଚାରୀଙ୍କୁ ଓଟିଡିସି ଦ୍ୱାରା ପରିଚାଳିତ ଅନ୍ୟ ପାନ୍ଥନିବାସ/ପାନ୍ଥିକାରେ ନିଯୁକ୍ତ କରାଯିବ ବୋଲି ସୂଚନା ଦିଆଯାଇଛି।

# 'ଘରୋଇ ଶିକ୍ଷାନୁଷ୍ଠାନ ସରକାରଙ୍କୁ ମାନୁନାହାନ୍ତି'

ଭୁବନେଶ୍ୱର, ୩।୧୦(ବ୍ୟୁରୋ)

ଘରୋଇ ସ୍କୁଲ ଏବଂ କଲେଜଗୁଡ଼ିକ ରାଜ୍ୟ ସରକାରଙ୍କୁ ଭ୍ରୂକ୍ଷେପ କରୁନାହାନ୍ତି। କରୋନା ପରିସ୍ଥିତିରେ ଯେତେବେଳେ ଲୋକେ ରୋଜଗାର ହରାଇଛନ୍ତି ଏବଂ ବଞ୍ଚିବାକୁ ସଂଗ୍ରାମ କରୁଛନ୍ତି ସେତେବେଳେ ଘରୋଇ ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ତଣ୍ଟିଚିପି ଅର୍ଥ ଆଦାୟ କରୁଛନ୍ତି। ହେଲେ ଏନେଇ ଏ ପର୍ଯ୍ୟନ୍ତ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ ବୋଲି ଅଖିଳ ଭାରତ ଛାତ୍ର କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ରୋଶନଲାଲ ବିଟ୍ଟୁ ଅଭିଯୋଗ କରିଛନ୍ତି।

କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରୋଶନଲାଲ କହିଛନ୍ତି, ଆଡମିଶନ ଫି, ଟ୍ୟୁଶନ ଫି, ପାଣି ବିଲ୍ ଓ ଇଲେକ୍ଟ୍ରି ବିଲ୍ ଏବଂ ସ୍କୁଲର ଅନ୍ୟାନ୍ୟ ଫି କମାଇବା ପାଇଁ ସରକାରଙ୍କ ତରଫରୁ ସିଧାସଳଖ ନିର୍ଦ୍ଦେଶ ଦିଆଯାଉ ନାହିଁ। ଅଭିଭାବକମାନେ ଘରୋଇ ସ୍କୁଲର ମାଲିକଙ୍କ ଚାପରେ ପେଷି ହୋଇଯାଉଥିବା ବେଳେ ରାଜ୍ୟ ସରକାର ଛାତ୍ରୀଛାତ୍ରଙ୍କ ଦୁରବସ୍ଥା ପ୍ରତି ଧ୍ୟାନ ଦେଉନାହାନ୍ତି। ଘରୋଇ ସ୍କୁଲ ଓ କଲେଜ ମାଲିକ ଏବଂ ରାଜ୍ୟ ସରକାରଙ୍କ ଭିତିରି ବୁଝାମଣା ହୋଇଥିବା ଅଭିଯୋଗ ହେଉଛି। ତୁରନ୍ତ ସ୍କୁଲ ଏବଂ କଲେଜରେ ଆଡମିସନ ଫି' ସହ ଅନ୍ୟାନ୍ୟ ସମସ୍ତ ଫି' କମାଇବା ପାଇଁ ଛାତ୍ର କଂଗ୍ରେସ ଦାବି କରିଛି। ଓଡ଼ିଶା ସରକାର ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ର ଯେଉଁ ସଂଶୋଧନ କରିଛନ୍ତି, ତାହାକୁ ପ୍ରତ୍ୟାହାର କରିବାପାଇଁ ଛାତ୍ର କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି। ସେହିପରି ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କ ଉପରେ ଉତ୍ତରପ୍ରଦେଶ ପୋଲିସର ଆକ୍ରମଣ ଘଟଣା ଗଣତନ୍ତ୍ରର ହତ୍ୟା ହୋଇଛି ବୋଲି ବିଟ୍ଟୁ ଅଭିଯୋଗ କରିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

A 2 Z ସବୁ ସମସ୍ୟାର ସମାଧାନ
ମାତ୍ର ୩ ଘଣ୍ଟାରେ।
ବିଶ୍ୱପ୍ରସିଦ୍ଧ ବାବା ଜାଫର ଖାନ
ବଶୀକରଣ, ପ୍ରେମ ବିବାହ, ସଉତୁଣୀ ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣି ଗାରେଡ଼ି, ଯାଦୁ-ଟୋନା, କୋର୍ଟ-କଚେରି, ବ୍ୟବସାୟ ଲାଭ କ୍ଷତି, ବିଦେଶ ଯାତ୍ରା ସମସ୍ୟାର
100% ଗ୍ୟାରେଣ୍ଟିଡ୍ ସମାଧାନ
କାହାର ପୁଅ କିମ୍ବା ସ୍ୱାମୀ କାହା ବଶରେ ଥିଲେ ନିଶ୍ଚୟ କଲ୍ କରନ୍ତୁ।
8791155192
8791159152

DIWAN FINANCE
ଦ୍ୱାରା ମାର୍କଶିଟ୍, ମୁଦ୍ରା, ଗ୍ରୁପ୍, ହୋମ୍, ପର୍ସନାଲ ଋଣ 72 ଘଣ୍ଟା ମଧ୍ୟରେ ପାଆନ୍ତୁ। 1% ସୁଧ, 40% ରିହାତି, ମହିଳା ଓ ଗ୍ରୁପ୍ ଋଣ ଉପରେ ବିଶେଷ ରିହାତି।
# 9992031149

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ।
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ (ପାରାମେଡିକାଲ କୋର୍ସ)
A.N.M : 2 Years (+2 Pass)
G.N.M : 3 Years (+2 Pass)
Post Basic Nursing : 2 Years (GNM Pass)
DMLT 2 Year
OT.Tech 2 Year
Dialysis 2 Year
I.C.U 1 Year
E.C.G 1 Year
10th Pass Above
HOSTEL, TRANSPORT, HOSPITAL PRACTICAL FACILITY AVAILABLE
LIMITED SEAT
KIMS, KHANDAGIRI, BBSR
Mob. 8658179869

BHARAT FINANCE
ଆସନ୍ତୁ ମିଳିମିଶି ଆତ୍ମନିର୍ଭର ହେବା
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ - ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
WWW.BHARATPRO.IN
EMAIL: ADMIN@BHARATPRO.IN
Pratapgarh, Lalganj, Uttar Pradesh - 230141
9530719557
9530553457

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରସ୍ତ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**୪ ବ୍ଲକର ୧୯ ଗ୍ରାମ ଆବଦ୍ଧାଞ୍ଚଳ**

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ଉପଖଣ୍ଡ ୪ ବ୍ଲକର ୧୯ ଗାଁକୁ ଆବଦ୍ଧାଞ୍ଚଳ ଘୋଷଣା କରାଯାଇଛି ବୋଲି ଉପଜିଲାପାଳ ଅଶୋକ ବେହୁରିଆ ଜଣାଇଛନ୍ତି। ବାଣପୁର ବ୍ଲକର ଭାବିନିପୁର, ବଡ଼ସିରେଇପୁର, ଭେଟେଶ୍ୱର, ନାରୁଣୀ, ନନ୍ଦପୁର, ବଡପଦର, ଭାପୁର, ଚମ୍ପାଦେଇପୁର, ହାଲଦା, ବେସେରି, ଦୋଳମୁଣ୍ଡାଇ ଓ ଟାଙ୍ଗୀ ବ୍ଲକର ବଡ଼ପୋଖରୀଆର ୬ନଂ. ୱାର୍ଡକୁ ୭ଦିନ ପର୍ଯ୍ୟନ୍ତ ଏବଂ ଚିଲିକା ବ୍ଲକର ବାଲିଆ, ଚଣ୍ଡେଶ୍ୱର ପଞ୍ଚାୟତର ଚଣ୍ଡେଶ୍ୱର ଓ ବିରିବାଡି ପଞ୍ଚାୟତର ଚଣ୍ଡେଶ୍ୱର(ପୂର୍ଣ୍ଣ ସାହି) ଏବଂ ବୋଲଗଡର କାଉଁରିପାଟଣା, ଫାସିଦା(ଟାଙ୍ଗିସାହି) ଓ ବୁଡା ଗାଁକୁ ୧୦ଦିନ ପର୍ଯ୍ୟନ୍ତ ଆବଦ୍ଧାଞ୍ଚଳ କରାଯାଇଛି

**ସଂକ୍ଷେପରେ**

## ଓଟିଭି ଏମ୍‌ଡିଙ୍କ ନାମରେ ମାମଲା

ଖୋର୍ଦ୍ଧା ଅଫିସ,୩।୧୦: ଖୋର୍ଦ୍ଧା ଜିଲା ସାରୁଅ ଗ୍ରାମର ଦୁଇ ଦଳିତ ବ୍ୟକ୍ତିଙ୍କ ଜମିକୁ ବେଆଇନ ଭାବେ ଅକ୍ତିଆର, ଜମିକୁ ଯିବାକୁ ବାରଣ ଏବଂ ଧମକ ଦେବା ନେଇ ଶୁକ୍ରବାର ରାତିରେ ଓଟିଭି ଏମ୍‌ଡି, ତାଙ୍କ ବାପା ଓ ଭାଇଙ୍କ ନାମରେ ବାଘମାରୀ ଥାନାରେ ଅଭିଯୋଗ ହୋଇଛି। ସାରୁଅ ଗ୍ରାମର ହାଲୁରୀ ପାହାଡ଼ସିଂ ଏବଂ ସନାତନ ପାହାଡ଼ସିଂଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏସସି/ଏସଟି ଆକ୍ଟ ପ୍ରକାରେ ଦଫା ୪୪୭,୫୦୬,୩୪ ରେ ମାମଲା (ନଂ.୮୧/୨୦) ରୁଜୁ କରିଛି। ଏ ସମ୍ପର୍କରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ଏହି ଅଭିଯୋଗର ତଦନ୍ତ ଲାଗି ଏସ୍‌ଡିପିଓ ସୁଶୀଲ ମିଶ୍ରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନା ଅନୁଯାୟୀ, ସାରୁଅ ମୌଜା ଖାତା ନଂ.୧୯୧ ଏବଂ ପ୍ଲଟ ନଂ. ୧୮୨୯ରେ ଅଭିଯୋଗକାରୀଙ୍କ ଚାଷ ଜମି ରହିଛି। ଓଟିଭି କର୍ତ୍ତୃପକ୍ଷ ଏହାର ପାଖ ଜମିକୁ କିଣି ସେଠାରେ କୋଠା, ପାଚେରି ଓ ରାସ୍ତା ନିର୍ମାଣ କରିଛନ୍ତି। ପାଚେରି ଦେଇ ଭିତରକୁ ଯିବାକୁ ଚେଷ୍ଟା କଲେ, କର୍ତ୍ତୃପକ୍ଷ ସେମାନଙ୍କୁ ଛାଡୁନାହାନ୍ତି ବୋଲି ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩।୧୦: ମାସିକ ପତ୍ରିକା 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ୯ମ ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଭାବେ ଏମ୍‌ପି ତଥା କିଟ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପଲ୍ଲୀ ପଟ୍ଟନାୟକ, ଶିଳ୍ପପତି ପାର୍ଥଜିତ୍ ପଟ୍ଟନାୟକ ଓ ମୋ ସ୍କୁଲ୍‌ର ଅଧକ୍ଷ ଆକାଶ ଦାସ ନାୟକ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଦିବ୍ୟଜିତ୍ ସାହୁ ସ୍ୱାଗତ ଭାଷଣରେ ପତ୍ରିକାର ୯ ବର୍ଷର ଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନଜନକ 'ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି' ଭାବେ ସମ୍ବର୍ଦ୍ଧିତ କରାଯିବା ସହ ୫ଜଣଙ୍କୁ ଜୁରି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପତ୍ରିକାର ପଥପ୍ରଦର୍ଶକ ବ୍ରାଡ୍ ମିଶ୍ର, ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟିଙ୍କ ସମେତ ସଦସ୍ୟ ଅରୁଣ ମହାରଣା, ପ୍ରମୋଦ ଲେଙ୍କା ଓ ପିଆର୍‌ଓ ରାଜୀବ ନୟନ ପ୍ରମୁଖ ଉପସ୍ଥିତ ଥିଲେ। ସହସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଖବରଦାତାଙ୍କୁ କରୋନା ଯୋଦ୍ଧା ସମ୍ମାନ

**ପୁରୀ ଅଫିସ, ୩।୧୦: ଓଡ଼ିଶା ଯୁବ ଚେତନା ସଙ୍ଗଠନ, ମିଶନ ଓଡ଼ିଶା ଏବଂ ସମର୍ପଣ ପକ୍ଷରୁ ଶନିବାର କଳିଙ୍ଗ ବୈଶ୍ୟ ସଂଘ ସମ୍ମେଳନ କକ୍ଷରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ଖବରଦାତା ଜଗନ୍ନାଥ ବସ୍ତିଆ, ଗଦାଧର ପଣ୍ଡା, ନିରଞ୍ଜନ ମିଶ୍ର, ଶ୍ୟାମକାନ୍ତ ପଟ୍ଟନାୟକ, ଜିତେନ୍ଦ୍ର ନାରାୟଣ ମିଶ୍ର, ବିକ୍ରମ କେଶରୀ ଆଚାର୍ଯ୍ୟ, ସୁମନ୍ତ ପରିଡ଼ାଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଶା ଯୁବ ଚେତନା ସଙ୍ଗଠନ ସଭାପତି ବଦ୍ରି ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ପୁରୀ ହୋଟେଲ ଆସୋସିଏଶନ ସମ୍ପାଦକ ରାଜକିଶୋର ପାତ୍ର, ବ୍ଲଡ ବ୍ୟାଙ୍କ ଅଫିସର ଦୀପକ ସାହୁ, ସମର୍ପଣ ସମ୍ପାଦିକା ଜୟନ୍ତୀ ମହାପାତ୍ର ଏବଂ ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର ଯୋଗଦେଇଥିଲେ। ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି କାର୍ଯ୍ୟକ୍ରମ ସଂଯୋଜନା, କେଦାରନାଥ ମହାପାତ୍ର ଓ ସୌମ୍ୟରଞ୍ଜନ ପାତ୍ର ପରିଚାଳନା କରିଥିଲେ।**

## ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଆଶିଷ ଦେଙ୍କ ପରଲୋକ

କଟକ ଅଫିସ, ୩।୧୦: ବିଶିଷ୍ଟ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଆଶିଷ କୁମାର ଦେ(୮୭)ଙ୍କର କଟକ ତୁଳସୀପୁରସ୍ଥିତ ବାସଭବନରେ ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ଅନ୍ତିମ ଶଯ୍ୟା ନିକଟରେ ପୁଅ ଦେବଲଏ ଦେ, ଝିଅ ବର୍ଣ୍ଣାଲି ସାହୁ, ନାତୁଣୀ ନାତି ଏବଂ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ୧୯୩୨ ଡିସେମ୍ବର ୧୨ରେ ଡାକ୍ତର ଦେ କୋଲକାତାରେ ଜନ୍ମ ଗ୍ରହଣ କରିଥିଲେ। କୋଲକାତାର ଆର୍.ଜି. କର ମେଡିକାଲ କଲେଜରୁ ଅଧ୍ୟୟନ ସାରିବା ପରେ ବୁର୍ଲାର ଭିଏସ୍ଏସ୍, ବ୍ରହ୍ମପୁରର ଏମ୍‌କେସିଜି ଏବଂ କଟକର ଏସ୍‌ସିବିରେ କାର୍ଯ୍ୟ କରିଥିଲେ। ଅମାୟିକ ବ୍ୟବହାର ଓ ଉତ୍ତମ ସେବା ପାଇଁ ସେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଓଡ଼ିଶା ସ୍ତ୍ରୀ ରୋଗ ବିଭାଗ ଡାକ୍ତର ସଂଘ ଶୋକ ବ୍ୟକ୍ତ କରିଛି।

# ଅସୁରକ୍ଷିତ ଗୋଲରା ଜଙ୍ଗଲ

**କୋଣାର୍କ,୩।୧୦(ଡି.ଏନ୍.ଏ.)**



କୋଣାର୍କ ଥାନା ତଥା ପୁରୀ ଜିଲା ବାଲୁଖଣ୍ଡ ଅଭୟାରଣ୍ୟ ଅଧୀନ ସର୍ବବୃହତ ପ୍ରାକୃତିକ ଗୋଲରା ଜଙ୍ଗଲ ଏବେ ଅସୁରକ୍ଷିତ ଅବସ୍ଥାରେ ଥିବା ଜଣାପଡିଛି। ଏହି ଜଙ୍ଗଲରୁ ବେଆଇନ ଭାବେ ଗଛ କାଟିବା, ବନ୍ୟଜନ୍ତୁ ଚାଲାଣ ହେଉଥିବାରୁ ଏହାର ସୁରକ୍ଷା ନେଇ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ୬୭୨ହେକ୍ଟର ବିଶିଷ୍ଟ ଏହି ଜଙ୍ଗଲରେ ଶହେ ପ୍ରକାର ଔଷଧୀୟ ବୃକ୍ଷ ଯଥା କରଞ୍ଜ ଗହ୍ମାରି, କାଆର, ଗିରିଙ୍ଗା, କ୍ଷୀର, ଜାମୁ, ଆମ୍ବ, କୋଚିଲା, ଲିମ ଓ ୬୦ରୁ ୭୦ ପ୍ରକାରର ଜନ୍ତୁ ଯଥା ଚିତ୍ରା ହରିଣ, ଝିଙ୍କ, ଠେକୁଆ ବିଭିନ୍ନ ପ୍ରଜାତିର ପକ୍ଷୀ ଓ ସରୀସୃପ ରହିଛନ୍ତି। ଏହି ଜଙ୍ଗଲରେ ଥିବା ମୁଖ୍ୟ ଆକର୍ଷଣ ଉଚ୍ଚା ବାଲି ବନ୍ତ ଅବଦାନ ପଞ୍ଚାୟତର ସୁରକ୍ଷା ପ୍ରାଚୀର ଅଟେ। ଜଙ୍ଗଲ ସୁରକ୍ଷା ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏକ ଜଙ୍ଗଲ ସୁରକ୍ଷା କମିଟି ଗଠିତ ରହିଛି। ତେବେ ଗତ ୮, ୧୬ ତାରିଖରେ ଖୋଦ ଜଙ୍ଗଲ ସୁରକ୍ଷା କମିଟି ସଭାପତିଙ୍କ ଦ୍ୱାରା ଏହି ଜଙ୍ଗଲରୁ ୩୫ ବସ୍ତା ଶଗଡ଼ବାଟୁଆ ଚେର ନଂ.୧୩ ଏ ୪୦୨୬ ଏକ ଡାଲା ଗାଡ଼ିରେ ଚୋରା ଚାଲାଣ କରୁଥିବାବେଳେ କାର୍ଯ୍ୟରତ ଜଙ୍ଗଲ ଅଧିକାରୀ ଭାବଗ୍ରାହୀ ସେଠୀ ଚଢ଼ାଉ କରି ଧରିଥିଲେ। ପରେ କୋଣାର୍କ ବନାଞ୍ଚଳ ଅଧିକାରୀଙ୍କ ଦ୍ୱାରା ମାମଲା ରୁଜୁ କରି ଗାଡ଼ି ଚାଳକଙ୍କୁ କୋର୍ଟ ଚାଲାଣ କରିବା ଘଟଣା କମିଟିର କାର୍ଯ୍ୟ ଦକ୍ଷତା ଓ ସ୍ୱଚ୍ଛତା ପ୍ରତି ଅଙ୍ଗୁଳି ଉଠିଥିଲା। ଏହାସହ ଜଙ୍ଗଲରୁ ନିତିଦିନିଆ ଚିତ୍ରା ହରିଣ ଓ ଠେକୁଆ ଶିକାର ହେଉଥିବା ଅଭିଯୋଗ ହୋଇଛି। ଏହା କେବଳ ଆବଶ୍ୟକ ମୁତାବକ କର୍ମଚାରୀ ନ ଥିବା, ସ୍ଥାନୀୟ ଜନସାଧାରଣ ଜଙ୍ଗଲର ଉପକାର ଓ ଅପକାର ସମ୍ପର୍କରେ ସଚେତନ ନ ଥିବା ଏବଂ ବେକାରି ବୃଦ୍ଧି ଏହି ଜଙ୍ଗଲ ଧ୍ୱଂସର କାରଣ ବୋଲି ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ଜେନା ପ୍ରକାଶ କରିଛନ୍ତି। ଅପରପକ୍ଷେ ଏହି ଜଙ୍ଗଲ ଜବରଦଖଲ ଯୋଗୁ ଆୟତନ କମିବା, କାଠ ଚୋରି ଜଙ୍ଗଲ ଧ୍ୱଂସର ଅନ୍ୟତମ କାରଣ। ଏ ନେଇ ବନ ଅଧିକାରୀ ବେଣୁଧର ବେହେରା କହିଛନ୍ତି, ଆମ ପାଖରେ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି ତଥାପି ସୁରକ୍ଷା ବ୍ୟବସ୍ଥା ଜାରି ରଖିଛୁ। ଅନ୍ୟପଟେ ଏହି ଗୋଲରା ଜଙ୍ଗଲକୁ ବନ ବିଭାଗ ଓ ଉଦ୍ଭିଦ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଗବେଷଣା କେନ୍ଦ୍ର ଓ ପର୍ଯ୍ୟଟନସ୍ଥଳୀ ଘୋଷଣା ପାଇଁ ସ୍ଥାନୀୟ ନିରଞ୍ଜନ ବାରିକ ଦାବି କରିଛନ୍ତି।

## ସ୍ୱାମୀଙ୍କୁ ପୋଲିସର ଦୁର୍ବ୍ୟବହାର ନେଇ ବିଦେଶିନୀଙ୍କ ଅଭିଯୋଗ

**ପୁରୀ ଅଫିସ,୩।୧୦**

ମାସ୍କ ଚେକିଂକୁ ନେଇ ଶନିବାର ପୁରୀରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଜଣେ ବିଦେଶିନୀ କୁମ୍ଭାରପଡ଼ା ଥାନାରେ ପହଞ୍ଚି ମାସ୍କ ଯାଞ୍ଚ ଆଳରେ ତାଙ୍କ ସ୍ୱାମୀଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆଣିବା ସହ ଏହାର ପ୍ରତିବାଦ କରିଥିଲେ। ପୋଲିସ ତାଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଏସ୍‌ପି ଅଖିଳେଶ୍ୱର ସିଂଙ୍କ ସୂଚନାନୁଯାୟୀ, ସନ୍ଧ୍ୟାରେ ମାଟିଆପଡ଼ା ଛକରେ ମାସ୍କ ଯାଞ୍ଚ ଚାଲିଥିଲା। ଶକ୍ତିକାନ୍ତ ନାଥ ନାମକ ଜଣେ ଯୁବକ ମାସ୍କ ପିନ୍ଧି ନ ଥିବାରୁ ପୋଲିସ ତାଙ୍କ ଉପରେ ଜରିମାନା କରିଥିଲେ। କିନ୍ତୁ ସେ ଜରିମାନା ରାଶି ଦେବାକୁ ମନା କରିବା ସହ ଯୁକ୍ତିତର୍କ କରିଥିଲେ। ତେଣୁ ପୋଲିସ ତାଙ୍କୁ ଥାନାକୁ ଧରିନେଇଥିଲା। କିଛି ସମୟ ପରେ ଜଣେ ବିଦେଶୀ ମହିଳା ଥାନାରେ ପହଞ୍ଚି ସମ୍ପୃକ୍ତ ଯୁବକ ତାଙ୍କ ସ୍ୱାମୀ ବୋଲି ପରିଚୟ ଦେଇ ତାଙ୍କୁ ଛାଡ଼ିଦେବାକୁ କହିଥିଲେ। ପୋଲିସ କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ମୁତାବକ ଏକ ମାମଲା କରିବା ସହ ନୋଟିସ୍ ଦେଇ ସମ୍ପୃକ୍ତ ଯୁବକଙ୍କୁ ଛାଡ଼ି ଦେଇଛି। ଦୁର୍ବ୍ୟବହାର ଅଭିଯୋଗର କୌଣସି ସତ୍ୟତା ନ ଥିବା ଏସ୍‌ପି ସିଂ କହିଛନ୍ତି।

## ଚୌଦ୍ୱାର ଜେଲ୍‌ର କଏଦୀ ମୃତ

**ଚୌଦ୍ୱାର,୩।୧୦(ଡି.ଏନ୍.ଏ.):** ଚୌଦ୍ୱାର ଜେଲ୍‌ର ଜଣେ ଆଜୀବନ କଏଦୀଙ୍କର ଶୁକ୍ରବାର ବିଳମ୍ବିତ ରାତିରେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଢ଼େଙ୍କାନାଳ ଜିଲା ରାସୋଳ ଥାନା ବଡ଼ସାହି ଗ୍ରାମର ଜିତେନ୍ଦ୍ର ସାହୁ(୪୭)। ଢ଼େଙ୍କାନାଳ ଜେଲରେ ଆଜୀବନ ସଜା କାଟୁଥିବା ଜିତେନ୍ଦ୍ରଙ୍କର ମସ୍ତିଷ୍କଜନିତ ରୋଗ ହେବାରୁ ତାଙ୍କୁ ପ୍ରଥମେ ନରସିଂହପୁର ଜେଲ ଓ ପରେ ତାଙ୍କର ଅଧିକ ଚିକିତ୍ସା ପାଇଁ ଚୌଦ୍ୱାର ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଚୌଦ୍ୱାର ଜେଲ ତରଫରୁ ଗତ କିଛିଦିନ ତଳେ ତାଙ୍କୁ କଟକ ବଡ଼ ମେଡ଼ିକାଲର ନ୍ୟୁରୋ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ହେଲେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ଜେଲ ଅଧୀକ୍ଷକ ଶୁଭକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ଜିତେନ୍ଦ୍ରଙ୍କ ମରଶରୀରକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଅରୁଣ ସ୍ତମ୍ଭ ଛୁଇଁବାକୁ ଦେଲାନି ପୋଲିସ



**ପୁରୀ ଅଫିସ, ୩।୧୦**

ସିଂହଦ୍ୱାର ସମ୍ମୁଖରେ ଅସ୍ଥାୟୀ ବ୍ୟାରିକେଡ୍ ଯୋଗୁ ବଡ଼ଦାଣ୍ଡ ସଂକୀର୍ଣ୍ଣ ହୋଇପଡ଼ିଛି। ଯାତାୟାତ ବାଧାପ୍ରାପ୍ତ ହେଉଛି। ତେଣୁ ଏମାର ମଠ ପାର୍ଶ୍ୱରେ ସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ ପାଇଁ ପୁରୀ ଜିଲା ଛାତ୍ର କଂଗ୍ରେସ ଦାବି କରିଛି। ଶନିବାର ପୂର୍ବାହ୍ନରେ ଛାତ୍ର କଂଗ୍ରେସର କେତେଜଣ କର୍ମୀ ଅସ୍ଥାୟୀ ବ୍ୟାରିକେଡ୍ ଘୁଞ୍ଚାଇବା ଏବଂ ଅରୁଣ ସ୍ତମ୍ଭ ଛୁଇଁ ପତିତପାବନଙ୍କୁ ଦର୍ଶନ କରିବା ଲାଗି ଆସୁଥିବାବେଳେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ନିକଟରୁ ପୋଲିସ ସେମାନଙ୍କୁ ଧରିନେଇଥିଲା। ତେବେ ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିଲା।

ଛାତ୍ର କଂଗ୍ରେସ କର୍ମୀମାନେ କହିଛନ୍ତି ଯେ, ସ୍ଥାୟୀ ବ୍ୟାରିକେଡ କରାଗଲେ ପ୍ରତିବର୍ଷ ରଥଯାତ୍ରା ସମୟରେ ଅସ୍ଥାୟୀ ବ୍ୟାରିକେଡ୍ ଖୋଲିବାକୁ ପଡ଼ିବ ନାହିଁ କି ଏ ବାବଦରେ ଅଯଥା ଟଙ୍କା ଖର୍ଚ୍ଚ ହେବ ନାହିଁ। ବର୍ତ୍ତମାନ ପୁରୀବାସୀ ୧୦୦ ମିଟର ଦୂରରେ ଠିଆ ହୋଇ ପତିତପାବନଙ୍କୁ ଦର୍ଶନ କରି ଫେରୁଛନ୍ତି। ମାତ୍ର ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅରୁଣ ସ୍ତମ୍ଭକୁ ଛୁଇଁ ଦର୍ଶନର ସୁଯୋଗ ପାଇଥିବା ଛାତ୍ର କଂଗ୍ରେସ କର୍ମୀମାନେ କହିବା ସହ ପୁରୀବାସୀଙ୍କୁ କାହିଁକି ଏଥିରୁ ବଞ୍ଚିତ କରାଯାଉଛି ବୋଲି ପ୍ରଶ୍ନ କରିଛନ୍ତି। ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ମିଶ୍ର, ଆଲୋକ କୁମାର ଦାଶ, ମନୋଜ ମଣ୍ଡଳ, ଅନୀଲ ବେଜ ପ୍ରମୁଖ ସାମିଲ ଥିଲେ।

## ଏକ ବ୍ୟକ୍ତି ଏକ ବୃକ୍ଷ ନୀତି ଆପଣାଅ

**ପୁରୀ ଅଫିସ,୩।୧୦**

ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଲାଗି 'ଏକ ବ୍ୟକ୍ତି ଏକ ବୃକ୍ଷ ନୀତି' ଆପଣାଇବାକୁ କୋଣାର୍କ ଭଗବତୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. କାର୍ତ୍ତିକ କୁମାର ଦାସ ଆହ୍ୱାନ ଦେଇଛନ୍ତି। ସର୍ବୋଦୟ ନଗରସ୍ଥିତ ମୈତ୍ରୀ ପରିସରରେ ଶନିବାର ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ବିଶ୍ୱ ପ୍ରକୃତି ଦିବସ କାର୍ଯ୍ୟକ୍ରମରେ ସେ ଏହା କହିଛନ୍ତି। ସେହିପରି ବରିଷ୍ଠ ନାଗରିକ ପ୍ରଭାକର ମିଶ୍ର ବାଲୁଖଣ୍ଡ ଅଭୟାରଣ୍ୟ ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପରିଷଦର କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ କର ପୌରୋହିତ୍ୟ କରିଥିଲେ। ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ର, ଗଙ୍ଗାଧର ଆଚାର୍ଯ୍ୟ, ଭବାନୀ ପ୍ରସାଦ ବଳିୟାରସିଂ, ପ୍ରମୋଦା ଦେବୀ, ଜୁପିଟର ଦାସ ପ୍ରମୁଖ ଯୋଗଦେଇ ମତ ରଖିଥିଲେ।

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାରେ ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ

**ଭୁବନେଶ୍ୱର,୩।୧୦(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାରେ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ପ୍ରିୟ ଭଜନର ସମୂହ ପାଠ କରାଯାଇଥିଲା। ସଂସ୍ଥାର ସଚିବ ଗଙ୍ଗାଧର ପାତ୍ର, ପ୍ରକଳ୍ପ ଅଧିକାରୀ ମାନସ ରଞ୍ଜନ ଦାଶ, ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଡ. ବସନ୍ତ ସାହାଣୀ, ପ୍ରଶାସନିକ ଅଧିକାରୀ ପ୍ରଭାତ କୁମାର ବିଶ୍ୱାଳ, ନିର୍ବାହୀ ଅଧିକାରୀ ଇଂ. ଲଲାଟେନ୍ଦୁ ସାହୁ ଓ ୟୁନିୟନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## 'ଆରପାରିରେ ରାଜକୃଷ୍ଣ' ପୁସ୍ତକ ଲୋକାର୍ପିତ

**ପୁରୀ ଅଫିସ,୩।୧୦**

ବିଶିଷ୍ଟ ସାରସ୍ୱତ ସାଧକ, ଅନୁବାଦକ ତଥା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନରେ ଅନୁଗାମୀ ରାଜକୃଷ୍ଣ ମହାନ୍ତିଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଜନ୍ମେଜୟ ଦ୍ୱିବେଦୀ, ଡ. ଦିଲୀପ କୁମାର ସ୍ୱାଇଁ, ସଦାଶିବ ମିଶ୍ର, ଅଜୟ ପ୍ରଧାନ, ଚନ୍ମୟ ବିବେକ, ପ୍ରତିମା ମିଶ୍ର, ସୁଚେତା ମିଶ୍ର, ଶିବସୁନ୍ଦର ମିଶ୍ର, ବିପିନ ବିହାରୀ ଦଳାଇ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତିଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ 'ଆରପାରିରେ ରାଜକୃଷ୍ଣ' ପୁସ୍ତକ ଲୋକାର୍ପିତ ହୋଇଥିଲା।

# ପଶୁପକ୍ଷୀଙ୍କ ବନ୍ଧୁ ପାଲଟିଛନ୍ତି ପ୍ରକାଶ

**ଗୋପ,୩।୧୦(ଡି.ଏନ୍.ଏ.)**

ଆଜିର ସମାଜରେ ବସବାସ କରୁଥିବା ଲୋକମାନେ ପ୍ରାୟତଃ ନିଜ ଓ ନିଜ ପରିବାରର କଥା ଚିନ୍ତା କରିଥାନ୍ତି। କେବଳ ମୁଁ ଓ ମୋ ପରିବାର ବଞ୍ଚନ୍ତୁ ବୋଲି ଆଜିକାଲି ମଣିଷ ଯେପରି ଦୃଢ଼ ପରିକର। ମହାମାରୀ ସମୟରେ ପଶୁପକ୍ଷୀଙ୍କ ଅବସ୍ଥା କଷ୍ଟକର ହୋଇପଡ଼ିଛି। ଆଗ ଅପେକ୍ଷା ସେମାନଙ୍କୁ ଖାଇବା ପାଇ ପାରୁ ନାହାନ୍ତି। ଏଭଳି ପରିସ୍ଥିତିରେ ପଶୁପକ୍ଷୀଙ୍କ ମୁହଁରେ ଆହାର ଦେଇ ସେମାନଙ୍କ ବନ୍ଧୁ ପାଲଟିଛନ୍ତି ପଶୁପକ୍ଷୀ ପ୍ରେମୀ ପ୍ରକାଶ। ଗୋପ ବ୍ଲକ ଅଧୀନ ତରକୋର ପଞ୍ଚାୟତ କାହ୍ନପୁର ଗାଁର ପ୍ରକାଶ ପିଲାଦିନରୁ ଅନ୍ୟମାନଙ୍କ ଲାଗି ସେବା କରିବାର ସଂକଳ୍ପ ନେଇଛନ୍ତି। ସେ ମଣିଷ ହେଉ କି ପଶୁପକ୍ଷୀ ଯେକେହି ବି ଅସହାୟ ଅବସ୍ଥାରେ ଥିଲେ ସାହାଯ୍ୟ ପାଇଁ ପହଞ୍ଚି ଯାଆନ୍ତି ପ୍ରକାଶ। ପିଲାଠୁ ସମୟରେ ହିଁ ପ୍ରକାଶ ପଶୁପକ୍ଷୀମାନଙ୍କୁ



ବେଶି ଭଲ ପାଆନ୍ତି। ବିଶେଷ କରି ବାଲୁଖଣ୍ଡ ଅଭୟାରଣ୍ୟରେ ବସବାସ କରୁଥିବା ପଶୁପକ୍ଷୀଙ୍କୁ ଭଲ ପାଆନ୍ତି। ପ୍ରତ୍ୟେକ ଦିନ ତାଙ୍କୁ ମିଳୁଥିବା ଖାଦ୍ୟରୁ ଅଧା ଖାଦ୍ୟ ପଶୁପକ୍ଷୀଙ୍କୁ ଦିଅନ୍ତି। ପ୍ରକାଶ ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ବାବା ବାଳିକପିଳେଶ୍ୱର ଓ ମା' ରାମଚଣ୍ଡୀଙ୍କ ପୂଜକ ଭାବେ କାର୍ଯ୍ୟ କରନ୍ତି। ପ୍ରାତଃରୁ ମହାପ୍ରଭୁଙ୍କଙ୍କ ସହ ମା'ଙ୍କ ସେବା ପରେ କିଛି ସମୟ ଲାଗି ପଶୁପକ୍ଷୀଙ୍କ କଥା ଚିନ୍ତା କରି ଜଙ୍ଗଲରେ ଥିବା ମାଙ୍କଡ଼, ବିଲେଇ, ହରିଣମାନଙ୍କୁ କିଛି ସମୟ ଖାଦ୍ୟ ଦେଇଥାନ୍ତି। ଏହି କାର୍ଯ୍ୟ ସେ ଦୀର୍ଘବର୍ଷ ହେବ କରିଆସୁଥିବାବେଳେ ପ୍ରତିଦିନ ପଶୁପକ୍ଷୀଙ୍କ ପାଇଁ ଦିନ ୫୦ରୁ ୧୦୦ ଟଙ୍କା ଖାଇବାରେ ଯାଇଥାଏ ବୋଲି ପଶୁପକ୍ଷୀ ପ୍ରେମୀ ପ୍ରକାଶ କୁହନ୍ତି।

# ଖୋର୍ଦ୍ଧା ଗ୍ରାମାଞ୍ଚଳ ୩୦୧, କଟକ ୨୫୬ ପଜିଟିଭ୍

**ଖୋର୍ଦ୍ଧା ଅଫିସ/ କଟକ ଅଫିସ,୩।୧୦**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଶନିବାର ୩୦୧ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୧୧ଜଣ ସୁସ୍ଥ ହୋଇଥିବା ବେଳେ ଭୁବନେଶ୍ୱର ବ୍ଲକରୁ ଜଣଙ୍କର ମୃତ୍ୟୁ ଘଟିଛି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ୧୫, ବାଲିପାଟଣା ୪୨, ଭୁବନେଶ୍ୱର ବ୍ଲକ ୨୯, ଜଟଣୀ ୩୨, ଖୋର୍ଦ୍ଧା ବ୍ଲକ ୮୦, ବେଗୁନିଆ ୨୬, ବୋଲଗଡ଼ ୨୦, ଅନ୍ୟ ଏକ ଜିଲାର ୧, ଟାଙ୍ଗୀ ୧୪, ଚିଲିକା ୨୦ ଏବଂ ବାଣପୁରର ୨୨ଜଣ ରହିଛନ୍ତି। ଅନ୍ୟପକ୍ଷରେ ଶନିବାର ସୁଦ୍ଧା ଗ୍ରାମାଞ୍ଚଳର ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୫୨୭ ରେ ପହଞ୍ଚିଛି। ସେଥିରୁ ୯୩୬୪ଜଣ ସୁସ୍ଥ ହୋଇଥିବା ବେଳେ ୧୧୨୦ଜଣ ସକ୍ରିୟ ରହିଛନ୍ତି। ୪୩ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ସେହିପରି କଟକ ଜିଲାରୁ ଶନିବାର ୨୫୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରେ ସହରାଞ୍ଚଳରୁ ୧୬୮ ଓ ଗ୍ରାମାଞ୍ଚଳରୁ ୮୮ ଜଣ ରହିଛନ୍ତି। ଗ୍ରାମାଞ୍ଚଳରେ ଆଠଗଡ଼ରୁ ୧୫, ଚୌଦ୍ୱାର ୧୨, ଟାଙ୍ଗୀ ୧୩, ସଦର ୧୦, କଣ୍ଟାପଡା ୯, ସାଲେପୁର ୮, ବାରଙ୍ଗ ଓ ବାଙ୍କୀରୁ ୪ଜଣ ଲେଖାଏ, ଡମପଡ଼ା ଓ ମାହାଙ୍ଗାରୁ ୩ଜଣ ଲେଖାଏ, ନରସିଂହପୁର ଓ ତିଗିରିଆରୁ ୨ଜଣ ଲେଖାଏ ଏବଂ ବଡମ୍ବାରୁ ଜଣେ ଚିହ୍ନଟ ହୋଇଛନ୍ତି। ଅନ୍ୟ ୨ ଆକ୍ରାନ୍ତଙ୍କ ତଥ୍ୟ ସମ୍ପର୍କରେ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିନାହିଁ। ସେହିପରି କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରୁ ଚିହ୍ନଟ ୧୬୮ ଆକ୍ରାନ୍ତଙ୍କ ମଧ୍ୟରେ ୬୭ ସରକାରୀ କ୍ୱାରାଣ୍ଟାଇନ୍‌ରୁ, ୩୨ ହୋମ କ୍ୱାରାଣ୍ଟାଇନ୍, ୬୯ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଅନ୍ୟପକ୍ଷରେ ସିଏମ୍‌ସି ଅଞ୍ଚଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨୫୭୭ରେ ପହଞ୍ଚିଥିବାବେଳେ ଜିଲାରେ ୨୧ ହଜାର ୫୦୫ ଜଣ ସଂକ୍ରମିତ ଚିହ୍ନଟ ହେଲେଣି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# 'ଛାତ୍ରୀଛାତ୍ରଙ୍କ ଆତ୍ମ ବିକାଶ କରିବ ଶିକ୍ଷା ଶିଖର'

**ଖୋର୍ଦ୍ଧା ଅଫିସ,୩।୧୦**

- ମେଧାବୀ ଛାତ୍ରୀଛାତ୍ର ସୃଷ୍ଟି ଲକ୍ଷ୍ୟ
- ପ୍ରତିଯୋଗିତାମୂଳକ ଚିନ୍ତାଧାରା ବୃଦ୍ଧି ଘଟିବ

କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ଶିକ୍ଷାନୁଷ୍ଠାନ ପାଠପଢ଼ାକୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବନ୍ଦ ରଖିଛନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାହତ ନ ହେବା ଲାଗି ସରକାର ଅନ୍‌ଲାଇନ ପାଠପଢ଼ା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହିକ୍ରମରେ ଖୋର୍ଦ୍ଧା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଦଶମ ଶ୍ରେଣୀରେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷା ଶିଖର ନାମରେ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ବାଲିଅନ୍ତା, ବାଲିପାଟଣା ବ୍ଲକରେ ଏହା ସଫଳତା ଲାଭ କରିଛି। ଜିଲାରେ ଏହାର ପ୍ରୟୋଗ ଲାଗି ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ଗଣଶିକ୍ଷା ବିଭାଗ ଶାସନ ସଚିବ ସତ୍ୟବ୍ରତ ସାହୁ, ଜିଲାପାଳ ସନତ୍ ମହାନ୍ତି, ଶିକ୍ଷାଧିକାରୀ ବନ୍ଦନା ମହାପାତ୍ରଙ୍କ ସମେତ ସମସ୍ତ ବିଇଓ, ଶିକ୍ଷାବିତ୍ ଏବଂ ମେଧାବୀ ଛାତ୍ରୀଛାତ୍ରଙ୍କୁ ନେଇ ଶୁକ୍ରବାର ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଶିଖର ଛାତ୍ରୀଛାତ୍ରୀଙ୍କ ସୃଜନାତ୍ମକ ଚିନ୍ତାଧାରା ଓ ଗଠନମୂଳକ ବିକାଶ ଦିଗରେ ସହାୟକ ହେବ। ଏହା ସେମାନଙ୍କ ପ୍ରତିଯୋଗିତାମୂଳକ ଆତ୍ମ ବିକାଶକୁ ସୁଦୃଢ଼ କରିବ ବୋଲି ସଚିବ ସାହୁ କହିଛନ୍ତି।

ଏହି ୱେବିନାରରେ ଏହାର କାର୍ଯ୍ୟକାରିତା ଓ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ବ୍ଲକ ଶିକ୍ଷାଧିକାରୀମାନେ ନିଜ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ବିଷୟ ଭିତ୍ତିକ ଦକ୍ଷ ଶିକ୍ଷକ, ସିଆରସିସି ଓ ୫୦ରୁ ଅଧିକ ମେଧାବୀ ଛାତ୍ରୀଛାତ୍ରଙ୍କୁ ନେଇ ହ୍ୱାଟସଆପ ଗ୍ରୁପ କରିବେ। ପ୍ରତି ଗ୍ରୁପରେ ଅନୁନ୍ୟ ୪ଜଣ ଶିକ୍ଷକ ନିୟୋଜିତ ରହିବେ। ବ୍ଲକ ଶିକ୍ଷାଧିକାରୀ ଏବଂ ୩ଜଣ ପ୍ରଧାନଶିକ୍ଷକ ସାପ୍ତାହିକ ଟାଇମଟେବୁଲ କରିବେ। ଦୈନିକ ୨ରୁ ୩ଟି ପିରିୟଡ ରହିବ। ଶିକ୍ଷା ଶିଖର ଦ୍ୱାରା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ସହ ମନୋବଳ ଏବଂ ଉନ୍ନତ ଚିନ୍ତାଧାରା ବିକଶିତ ହେବ।

# ୩ ଘଣ୍ଟା ବର୍ଷାରେ ଜଳାର୍ଣ୍ଣବ ଭୁବନେଶ୍ୱର

**ଭୁବନେଶ୍ୱର,୩।୧୦(ବ୍ୟୁରୋ)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେଉଛି। ହେଲେ ଶନିବାର ରାଜଧାନୀ ଭୁବନେଶ୍ୱରରେ ଅପରାହ୍ନ ୧ଟାଠାରୁ ୪ଟା ପର୍ଯ୍ୟନ୍ତ ଘଡ଼ଘଡି ସହ ପ୍ରବଳ ବର୍ଷା ହୋଇଥିଲା। ଏହି ୩ ଘଣ୍ଟାର ବର୍ଷାରେ ଭୁବନେଶ୍ୱରବାସୀ ଅସ୍ତବ୍ୟସ୍ତ ହୋଇପଡ଼ିବା ସହ ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଥିଲା। ଫଳରେ

**ଭଡ଼ାରେ ପମ୍ପସେଟ୍ ଆଣି କାମ ଚଳାଇଲା ବିଏମ୍‌ସି**

ଅଞ୍ଚଳଗୁଡ଼ିକରେ ଜଳବନ୍ଦୀ ସମସ୍ୟା ନଜରକୁ ଆସିଛି। ଏ ନେଇ ପାଣିପାଗ ବିଭାଗ ପୂର୍ବରୁ ଶନିବାର ଓ ରବିବାର ପ୍ରବଳ ବର୍ଷା ହେବାର ସୂଚନା ଦେଇଥିଲେ ହେଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କୌଣସି ପ୍ରାକ୍ ପ୍ରସ୍ତୁତି ଥିବା ନଜରକୁ ଆସିନାହିଁ। ଯେଉଁଥିପାଇଁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ ଲୋକେ ଜଳବନ୍ଦୀ ସମସ୍ୟାରୁ ମୁକ୍ତି



ଭୁବନେଶ୍ୱର ବମିଖାଲ ରାସ୍ତାରେ ବର୍ଷାପାଣିର ସୁଅ।

ପାରୁନାହାନ୍ତି। ମୌସୁମୀ ସମୟରେ ବିଏମ୍‌ସି ପ୍ରାୟ ସ୍ଥାନରେ ଡ୍ରେନେଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଦେଇଛି। କିନ୍ତୁ ଏବେ ହଠାତ୍ ଲଘୁଚାପ ଭୁବନେଶ୍ୱର ପାଇଁ କାଳ ସାଜିଛି। ତେବେ ସହରରେ ଜଳବନ୍ଦୀ ମୁକାବିଲା କରିବା ପାଇଁ ବିଏମ୍‌ସିର ୭ଟି ପମ୍ପସେଟ୍ ରହିଛି। ଏଥିସହ ଶନିବାର ବିଏମ୍‌ସି ୧୦ରୁ ୧୫ଟି ପମ୍ପସେଟ୍ ଭଡ଼ାରେ ଆଣିଥିବା ଜଣାପଡ଼ିଛି। ହେଲେ କେତେଦିନ ବିଏମ୍‌ସି ଏଭଳି ପମ୍ପସେଟ୍ ଭରସାରେ ଜଳବନ୍ଦୀର ମୁକାବିଲା କରୁଥିବ ସେନେଇ ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବିଏମ୍‌ସିର ଡ୍ରେନେଜ୍ ବିଭାଗୀୟ ଅଧିକାରୀ ସମ୍ପୂର୍ଣ୍ଣ ଭାବେ ଅବଗତ ଥିବାବେଳେ ଚେଇଁ ଶୋଇଥିବା ଅନୁଭବ ହେଉଛି। ଏଥିସହ ରବିବାର ପୁଣି ବର୍ଷା ସମ୍ଭାବନା ଥିବାରୁ ବିଏମ୍‌ସି ଚିନ୍ତା ଦ୍ୱିଗୁଣିତ ହୋଇଥିବା କର୍ତ୍ତୃପକ୍ଷଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ଗରିବ ଭକ୍ତଙ୍କ ରହଣି ନିମନ୍ତେ ବ୍ୟବସ୍ଥା ହେଉ

**ପୁରୀ ଅଫିସ, ୩।୧୦:** ପୁରୀକୁ ଆସୁଥିବା ଗରିବ ଭକ୍ତ କିପରି କମ୍ ମୂଲ୍ୟରେ ରହିପାରିବେ ସେ ନେଇ ବ୍ୟବସ୍ଥା କରାଯାଉ। ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଛନ୍ତି ପୁରୀର ଜଣେ ଭକ୍ତ ଦିଲୀପ ବରାଳ। ସେ ଚିଠିରେ ଦର୍ଶାଇଛନ୍ତି ଯେ, ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀକୁ ଦୈନିକ ୫୦ ହଜାରରୁ ଅଧିକ ଭକ୍ତ ଆସିଥାନ୍ତି। ମାତ୍ର ଗରିବ ଭକ୍ତଙ୍କ ରହଣି ପାଇଁ ପୁରୀରେ ସେଭଳି କୌଣସି ବ୍ୟବସ୍ଥା ନାହିଁ। ଏମାନେ କେତେବେଳେ ରେଳ ଷ୍ଟେଶନ ତ ପୁଣି କେତେବେଳେ ବସ୍‌ଷ୍ଟାଣ୍ଡରେ ରାତି ବିତାଇଥାନ୍ତି। ବର୍ଷାଦିନେ ଏମାନେ ଅଧିକ ହଇରାଣ ହୁଅନ୍ତି। ତେଣୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଯେଉଁସବୁ ମଠ ଉଚ୍ଛେଦ ହେଉଛି ତାହାର କିଛି ଅଂଶରେ ଗରିବ ଭକ୍ତ କମ୍ ମୂଲ୍ୟରେ ରହିବା ନିମନ୍ତେ ଭକ୍ତ ନିବାସ ନିର୍ମାଣ କରାଯାଉ ବୋଲି ଦିଲୀପ ଚିଠିରେ ଅନୁରୋଧ ଜଣାଇଛନ୍ତି।

### ଚୋରା ମଦ କାରବାର: ୨ ଗିରଫ

**କଟକ ଅଫିସ,୩।୧୦:** ଚୋରା ମଦ କାରବାର ଅଭିଯୋଗରେ ୨ଜଣଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରିଛି। ସେମାନେ ହେଲେ ଏକ ମଦ ଦୋକାନ ମାଲିକ ମାଛୁଆ ବଜାରର କୁଶ ସାହୁ ଓ କର୍ମଚାରୀ ଦୀପକ ଦଳେଇ ଓରଫ ମିଥୁନ। ଶନିବାର ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।ସୂଚନା ଅନୁଯାୟୀ, ଶୁକ୍ରବାର ଗାନ୍ଧୀ ଜୟନ୍ତୀ ଥିବାରୁ ସହରର ସମସ୍ତ ମଦ ଦୋକାନ ଓ ବାର୍ ବନ୍ଦ ଥିଲା। ଏହାର ସୁଯୋଗରେ କୁଶ ଦୋକାନରୁ ମଦ ଆଣି ଚୋରାରେ ଘରେ ବିକ୍ରି କରିଥିଲେ। ତାଙ୍କୁ ଏହି କାର୍ଯ୍ୟରେ ମିଥୁନ ସହାୟତା କରିଥିଲେ। ରାତିରେ ଖବର ପାଇ ମଙ୍ଗଳାବାଗ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ ମିଳିତ ଭାବେ କୁଶଙ୍କ ଘରେ ଚଢାଉ କରିଥିଲେ। ପ୍ରାୟ ୪୨ ଲିଟର ବିଦେଶୀ ମଦ ସହ ନଗଦ ୩୮ ହଜାର ୭ଶହ ଟଙ୍କା ଜବତ କରିଥିଲେ। ଏ ନେଇ ପୋଲିସ କେସ୍ ନଂ. ୨୩୧/୨୦ ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ବେଆଇନ ନିଶା କାରବାର ନେଇ ପୂର୍ବରୁ କୁଶଙ୍କ ନାଁରେ ଦୁଇଟି ମାମଲା ଥିବା ଜଣାପଡ଼ିଛି। ଅନ୍ୟପଟେ ଅପମିଶ୍ରିତ ମଦ ବିକ୍ରି କରାଯାଉଥିବା ଆଶଙ୍କାରେ ଜବତ ମଦର ନମୁନା ପରୀକ୍ଷା ଲାଗି ଭୁବନେଶ୍ୱରସ୍ଥିତ ଲ୍ୟାବକୁ ପଠାଯାଇଛି।

### କରୋନା ଦୂର ପାଇଁ ପ୍ରାର୍ଥନା

**ପୁରୀ ଅଫିସ,୩।୧୦:** ସିଂହଦ୍ୱାର ସମ୍ମୁଖରେ ଏମ୍.କେ. ଜୁଡ଼ୋ ଗ୍ରୁପ୍ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରୁପ୍‌ର ଆବାହକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ବଳଭଦ୍ରଲେନ୍‌ସ୍ଥିତ ପଣ୍ଡିତ ମଠରୁ ବାହାରି ସିଂହଦ୍ୱାରରେ ପହଞ୍ଚିଥିଲେ। ସେଠାରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ସହ ବିଶ୍ୱରୁ କରୋନା ମହାମାରୀକୁ ଦୂରେଇ ଦେବା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇ ମାର୍କେଟ ଛକ ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏଥିରେ ଚାନ୍ଦିନୀ ଦତ୍ତ, ଆୟୁଷ ତିୱାରୀ, ଶୁଭମ୍ ନାୟକ, ସିଦ୍ଧେଶ୍ୱର ପାତ୍ର, ବିନାୟକ ରାୟସିଂ, ଶୁଭଲକ୍ଷ୍ମୀ ବିଶ୍ୱାଳ, ରାହୁଲ ବାରିକ, ଆଶୁତୋଷ ସାହୁ, ସୁନୀଲ ମହାପାତ୍ର, ସାଇ ଅମନଜିତ୍ ସାହୁ ଏବଂ ବିଶୁ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ନୁନ୍‌ଟିକିରୀ-ଦେବୀନଗରଗଡ଼ା ରାସ୍ତା ମରଣଯନ୍ତା

ଚୌଦ୍ୱାର,୩।୧୦(ଡି.ଏନ୍.ଏ.)

୫୫ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ସହରାଞ୍ଚଳ ଅନ୍ତର୍ଭୁକ୍ତ ନୁନ୍‌ଟିକିରୀଠାରୁ ଦେବୀନଗରଗଡ଼ା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହେବା ସହ ମରଣଯନ୍ତା ପାଲଟିଲାଣି। ଗତ ୨ବର୍ଷ ହେଲା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିଲେ ହେଁ ଜାତୀୟ ରାଜପଥ ପ୍ରାଧିକରଣ ପଦାଧିକାରୀ ଏବଂ ଠିକାଦାର ସଂସ୍ଥାର ମନମୁଖି ନୀତି ଓ ମନ୍ଥର ପାଇଁ କାର୍ଯ୍ୟ ଆଗେଇପାରୁ ନାହିଁ। ରାସ୍ତାଟି ଖାଲଖମାରେ ଭରି ଯାଇ ଅଗମ୍ୟ ହୋଇପଡ଼ିଲାଣି । ପ୍ରତିଦିନ ଦୁର୍ଘଟଣା ଘଟି ବହୁ ଜୀବନ ଯିବା ସହ ଗତ ମାସକ ମଧ୍ୟରେ ଚୌଦ୍ୱାର ଭିତରେ ସଡ଼କ ଦୁର୍ଘଟଣାରେ ୫ଜଣଙ୍କର ମୃତ୍ୟୁ ଘଟିଲାଣି। ଏଥିସହିତ ନୁନ୍‌ଟିକିରୀଠାରୁ ଧୂମାବତୀ ଗଡ଼ା ପର୍ଯ୍ୟନ୍ତ ରାସ୍ତାକଡ଼ରେ ବ୍ୟବସାୟ କରୁଥିବା ୧୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ରାସ୍ତା ସମ୍ପ୍ରସାରଣ ପାଇଁ ବ୍ୟବସାୟ ହରାଇ ଦୁର୍ଦ୍ଦିନ ଭିତରେ କାଳ କାଟୁଛନ୍ତି। ସମ୍ପ୍ରସାରଣ କାର୍ଯ୍ୟ ଆଗକୁ ବଢୁ ନ ଥିବାରୁ ସେମାନଙ୍କ ଅବସ୍ଥା ମଧ୍ୟ ଶୋଚନୀୟ ହେବାକୁ ବସିଲାଣି। ଠିକାଦାର ସଂସ୍ଥାଙ୍କ ଏହି ମନମୁଖି କାର୍ଯ୍ୟକୁ ବିରୋଧ କରି ଚୌଦ୍ୱାରର ସମସ୍ତ ବଜାର କମିଟି, ସଂଗଠନ, କ୍ଲବ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀମାନେ ବ୍ୟାଘ୍ରବାହିନୀ ମନ୍ଦିର ନିକଟରେ ଏକତ୍ରିତ ହୋଇ ଜନ ଜାଗରଣ ମଞ୍ଚ ନାମରେ ସଂଗଠନ ଗଠନ କରି ଉକ୍ତ ଠିକାଦାର ସଂସ୍ଥାର କାର୍ଯ୍ୟକୁ ବିରୋଧ କରିଥିଲେ। ପରେ ଏ ସମ୍ପର୍କିତ ଏକ ଦାବିପତ୍ର ଚୌଦ୍ୱାର ଆଇଆଇସି ବିରଞ୍ଚି ନାରାୟଣ ପତିଙ୍କୁ ପ୍ରଦାନ କରିବା ସହ ଜିଲାପାଳ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ଡିସିପିଙ୍କୁ ପ୍ରଦାନ କରିଛନ୍ତି। ଆଗାମୀ ୭ଦିନ ମଧ୍ୟରେ ରାସ୍ତା କାର୍ଯ୍ୟ ଜରୁରିକାଳୀନ ଭିତ୍ତିରେ ଆରମ୍ଭ ନ ହେଲେ ଜନ ଜାଗରଣ ମଞ୍ଚ ତରଫରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।


ରାସ୍ତା ମରାମତି ପାଇଁ ଚୌଦ୍ୱାରର ବିଭିନ୍ନ ସଙ୍ଗଠନ ପକ୍ଷରୁ ଆଇଆଇସିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଶୀଘ୍ର ମରାମତି ନ ହେଲେ ଆନ୍ଦୋଳନ**

# ଜାତିଆଣ ଆକ୍ଷେପ ଅଭିଯୋଗ

ପୁରୀ ଅଫିସ, ୩।୧୦

ଜାତିଆଣ ଆକ୍ଷେପକୁ ନେଇ ଥାନାରେ ଅଭିଯୋଗ କରି ନିରାଶ ହେବାରୁ ଚନ୍ଦନପୁର ଥାନା ଅନ୍ତର୍ଗତ ସେନାପତିଆର ସନ୍ତୋଷ ଭୋଇ ଶନିବାର ଆଡ଼ିଶନାଲ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗତ ୨୮ ତାରିଖ ଅପରାହ୍ନରେ ସେ ପୋଖରୀରେ ଗାଧୋଉଥିଲେ। ଚନ୍ଦନପୁର ଉଆ ସାହିର ଜଣେ ବ୍ୟକ୍ତି ପହଞ୍ଚି ପୋଖରୀରେ କାହିଁକି ଗାଧୋଉଛୁ କହି ଖରାପ ଭାଷାରେ ଗାଳିଗୁଲଜ କରିଥିଲେ। ଏପରି କି ଜାତିକୁ ନେଇ ଆକ୍ଷେପ କରି କହିବା ସହ ଏକ ଠେଙ୍ଗାରେ ତାଙ୍କୁ ପିଟିଥିଲେ। ପରେ ତାଙ୍କ ଘରକୁ ନେଇଯାଇଥିଲେ। ସେଠାରେ ଅନ୍ୟ କେତେଜଣଙ୍କୁ ଡକାଇ ପୋଖରୀରୁ ମାଛ ମାରୁଥିବା କହି ତାଙ୍କଠାରୁ ଦସ୍ତଖତ କରାଇ ନେଇଥିଲେ। ଏପରି କି ଏ ବିଷୟରେ ଥାନାରେ ନ ଜଣାଇବା ଲାଗି ଧମକ ଦେଇଥିଲେ ବୋଲି ସନ୍ତୋଷ ଅଭିଯୋଗ କରିଛନ୍ତି। ତେବେ ସେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ପରେ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

# କନକଦୁର୍ଗାଙ୍କ ନବରାତ୍ର ପୂଜା ପାଇଁ ବୈଠକ

ଖୁଣ୍ଟୁଣୀ,୩।୧୦(ଡି.ଏନ୍.ଏ.)

ଖୁଣ୍ଟୁଣୀ ଅଞ୍ଚଳର ଗ୍ରାମ ଦେବତୀ କନକ ଦୁର୍ଗାଙ୍କ ଶାମ୍ବସରିକ ନବରାତ୍ର ପୂଜା ଲାଗି ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କନକ ଦୁର୍ଗାଙ୍କ ପୀଠସ୍ଥଳରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଟ୍ରଷ୍ଟି ସଚ୍ଚିଦାନନ୍ଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଖୁଣ୍ଟୁଣୀ ଆଇଆଇସିଙ୍କ ପରାମର୍ଶକ୍ରମେ ଚଳିତ ବର୍ଷ କୋଭିଡ୍ ନିୟମ ମାନି ସାମାଜିକ ଦୂରତ୍ୱ, ପରିଚାଳନା ମଣ୍ଡଳୀର ସମସ୍ତ ସଦସ୍ୟ ମାସ୍କ ପିନ୍ଧିବା, କଳସ ଯାତ୍ରାରେ ୨୦ରୁ କମ ମହିଳା ଯୋଗଦେବା, ନିରାଡ଼ମ୍ବରଭାବେ ୨୧ରୁ ୨୫ ତାରିଖ ଦଶହରା ପର୍ଯ୍ୟନ୍ତ ପୂଜା ସମ୍ପାଦନା କରିବାକୁ ସ୍ଥିର ହୋଇଛି। ରାବଣ ପୋଡି ଉତ୍ସବ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କିଶୋର ଚନ୍ଦ୍ର ସାମନ୍ତରାୟ, ବିପିନ ବିହାରୀ ପ୍ରଧାନ, ଦିଲୀପ ସେଠ, ବିଚିତ୍ରାନନ୍ଦ ପ୍ରଧାନ, ଗୋବିନ୍ଦ ବେହେରା, ରଜନୀକାନ୍ତ ଜେନା, ପ୍ରିୟବ୍ରତ ପାତ୍ର, ଖୁଣ୍ଟୁଣୀ-ରମ୍ଭେଇ ଗ୍ରାମ୍ୟ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଓଡ଼ିଶୀ ସଙ୍ଗୀତର ରାଗରାଗିଣୀ ବହୁ ପ୍ରାଚୀନ

ପୁରୀ ଅଫିସ, ୩।୧୦

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ଲାଭ କରିଛି। କେନ୍ଦ୍ରର ଅନୁମୋଦନ ଲାଗି ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଚିଠି ଲେଖିଛି। ନିଶ୍ଚିତ ଏହା ପ୍ରତିଟି ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବ ବୋଲି ନିଖିଳ ଉତ୍କଳ ଓଡ଼ିଶୀ ସଙ୍ଗୀତ ପ୍ରତିଷ୍ଠାନ ପୁରୀ ଜିଲା ସଭାପତି ପଣ୍ଡିତ ଚିତ୍ତରଞ୍ଜନ ମିଶ୍ର କହିଛନ୍ତି। ପଣ୍ଡିତ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତା ଏବଂ ଏଥିରେ ପ୍ରୟୋଗ କରାଯାଉଥିବା ରାଗରାଗିଣୀ ବହୁ ପ୍ରାଚୀନ। ପୁରୀ ଜାଗା ଆଖଡ଼ା ଏବଂ ଷୋଳଶାସନରେ ମଧ୍ୟ ଓଡ଼ିଶୀ ସଙ୍ଗୀତର ଗାୟନବିଧି ପ୍ରଚଳିତ ଅଛି। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ, କବି ଗୋପାଳକୃଷ୍ଣ, ଦୀନକୃଷ୍ଣ, ବନମାଳି ପ୍ରମୁଖ ପ୍ରାଚୀନ କବିମାନଙ୍କ ସୁନ୍ଦର ଓଡ଼ିଶୀ ଗାୟନର ରାଗ ରାଗିଣୀ ଦେଖିବାକୁ ମିଳେ। ବିଶିଷ୍ଟ ସଙ୍ଗୀତଜ୍ଞ ତଥା ଗବେଷକମାନେ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତାକୁ ନେଇ ବହୁ ପ୍ରମାଣ କରିଯାଇଛନ୍ତି। ତନ୍ମଧ୍ୟରେ ସ୍ୱର୍ଗତ ଗୁରୁ ଶ୍ୟାମସୁନ୍ଦର କର, ଗୁରୁ ମାର୍କଣ୍ଡେୟ ମହାପାତ୍ର, କବିଚନ୍ଦ୍ର କାଳୀ ପଟ୍ଟନାୟକ, କାଶିନାଥ ପୂଜାପଣ୍ଡା, ଲୋକାନାଥ ପାଳ, ଡ. ଦାମୋଦର ହୋତା, ଗୁରୁ ଗୋପାଳ ପଣ୍ଡା ପ୍ରମୁଖ ଓଡ଼ିଶୀ ସଙ୍ଗୀତର ସ୍ୱରଲିପି ରଚନା କରିଯାଇଛନ୍ତି। ତେଣୁ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟତାକୁ ବଜାୟ ରଖିବା ପାଇଁ ସବୁସ୍ତରରେ ଚେଷ୍ଟା ହେବା ଦରକାର ବୋଲି ପଣ୍ଡିତ ମିଶ୍ର କହିଛନ୍ତି।

# ପୁରୀରୁ ୧୨୭ କରୋନା ଆକ୍ରାନ୍ତ ଚିହ୍ନଟ

ପୁରୀ ଅଫିସ, ୩।୧୦



କିଛିଦିନ ହେବ ପୁରୀ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଛି । ସେପ୍ଟେମ୍ବର ଆରମ୍ଭରୁ ଜିଲାରେ ଭୟଙ୍କର ରୂପ ଧାରଣ କରିଥିଲା ଏହି ମହାମାରୀ। ହେଲେ ଅକ୍ଟୋବର ଆରମ୍ଭରୁ ଏହି ଧାରାରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଗତ ଗୁରୁବାର ୧୯୭, ଶୁକ୍ରବାର ୧୧୫ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଶନିବାର ୧୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇବା ପରେ ଜିଲାର ମୋଟ ପଜିଟିଭ ସଂଖ୍ୟା ୧୦,୪୫୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୯.୦୫୩ ଜଣ ସୁସ୍ଥ ହୋଇଥିବା ବେଳେ ୧,୩୪୧ ଜଣ ଚିକିତ୍ସାଧୀନ ଅଛନ୍ତି। ଅନ୍ୟପକ୍ଷରେ ଏହି ମହାମାରୀ ପୁଣି ୨ ଜଣଙ୍କ ଜୀବନ ନେଇଛି । ଫଳରେ ଏ ପର୍ଯ୍ୟନ୍ତ ଜିଲାର ୫୯ ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ବର୍ତ୍ତମାନ ସୁଦ୍ଧା ଜିଲାରୁ ମୋଟ ୯୫,୭୦୦ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୮୬.୬୦ ପ୍ରତିଶତ। ତେବେ ଶୁକ୍ରବାର ଚିହ୍ନଟଙ୍କ ମଧ୍ୟରେ ପୁରୀ ପୌରାଞ୍ଚଳରୁ ୨୭ ଜଣ ରହିଥିବା ବେଳେ ବିଭିନ୍ନ ଏନ୍‌ଏସି ଓ ବ୍ଲକରୁ ୧୦୦ ଜଣ ଚିହ୍ନଟ ହୋଇଛନ୍ତି ।

# ଛତୁଚାଷୀ ମହାସଂଘର ୧ ଲକ୍ଷ ଟଙ୍କା ଦାନ

ସାକ୍ଷୀଗୋପାଳ, ୩।୧୦(ଡି.ଏନ୍.ଏ.)

କରୋନା ମହାମାରୀରେ ସଂକ୍ରମିତ ଲୋକମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବା ନିମନ୍ତେ ପୁରୀ ଜିଲା ଛତୁଚାଷୀ ମହାସଂଘ ପକ୍ଷରୁ ୧ ଲକ୍ଷ ଟଙ୍କା ଦାନ କରାଯାଇଛି। ମହାସଂଘର କମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ୧ ଲକ୍ଷ ଟଙ୍କାର ବ୍ୟାଙ୍କ ଚେକ୍ ପୁରୀ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁବାସ ଚନ୍ଦ୍ର ନାଥଶର୍ମାଙ୍କୁ ଶନିବାର ପ୍ରଦାନ କରିଛନ୍ତି। ରାଜ୍ୟ ମହାସଂଘର ଅଧ୍ୟକ୍ଷ ପ୍ରଫେସର ଅଦ୍ୱୈତ ପ୍ରସାଦ ପାତ୍ରଙ୍କ ସହ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ପୁରୀ ଜିଲା ସଭାପତି ତ୍ରିନାଥ ଗୁରୁ, ସାଧାରଣ ସମ୍ପାଦକ ଶଙ୍କର ପ୍ରଧାନ, ସତ୍ୟବାଦୀ ଶାଖାର ସଭାପତି ଦେବଦତ୍ତ ସ୍ୱାଇଁ, ନିମାପଡ଼ା ସଭାପତି ମନୋରଞ୍ଜନ ଦାସ, ପିପିଲି ସଭାପତି ଲକ୍ଷ୍ମଣ ବହିଆ, ବ୍ରହ୍ମଗିରି ବ୍ଲକ ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଅତିରିକ୍ତ ଜିଲାପାଳଙ୍କୁ ସାକ୍ଷାତ୍ କରି ସହାୟତା ଯୋଗାଇ ଦେଇଥିଲେ।



ବିଶ୍ୱ ଟ୍ରେଡ୍ ୟୁନିୟନ୍ ଫେଡେରେଶନ୍‌ର ୭୫ତମ ପ୍ରତିଷ୍ଠା ଦିବସ ଅବସରରେ ଶନିବାର କଟକ କଲେଜ ଛକରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା।

### ଜନଜାତି ଛାତ୍ରଙ୍କୁ ପୁସ୍ତକ ବଣ୍ଟନ

**ପୁରୀ ଅଫିସ,୩।୧୦:** ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ରାମକୃଷ୍ଣ ମିଶନରେ ରହି ଦଶମ ଶ୍ରେଣୀରେ ପଢୁଥିବା ୨୪ଜଣ ଜନଜାତି ଛାତ୍ରଙ୍କୁ ଟେଷ୍ଟ ପେପର ପ୍ରଦାନ କରାଯାଇଛି। ସମାଜରେ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରୀଛାତ୍ରଙ୍କୁ ସହାୟତା ଏବଂ ସେମାନଙ୍କ ସଫଳତା ପଛରେ ଯେଉଁ ଗୁରୁଙ୍କ ଆଦର୍ଶ ଭୂମିକା ରହିଛି ସେମାନଙ୍କୁ ସମ୍ମାନିତ କରିବା ପରିଷଦର ଏହା ଏକ କାର୍ଯ୍ୟକ୍ରମ। ରାମକୃଷ୍ଣ ମିଶନ ସଚିବ ସ୍ୱାମୀ ଅପ୍ରେଶ୍ୱରାନନ୍ଦ ମହାରାଜାଙ୍କ ଉପସ୍ଥିତିରେ ପରିଷଦର ପୂର୍ବକ୍ଷେତ୍ର ରାଷ୍ଟ୍ରୀୟ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପ୍ରାନ୍ତୀୟ ସଙ୍ଗଠନ ସଚିବ ସୌମେନ୍ଦ୍ର ଦାସ, ଗୌରାଙ୍ଗ ମିଶ୍ର, ଗଣେଶ୍ୱର ମହାସୁଆର ଓ କାର୍ଯ୍ୟକ୍ରମ ସଂଯୋଜକ ମଣିରାମ ଜୀ ମିଶନର ଦଶମ ଶ୍ରେଣୀର ୨୪ ଜଣ ଛାତ୍ରଙ୍କୁ ଟେଷ୍ଟ ପେପର ପ୍ରଦାନ କରିଥିଲେ। ରାମକୃଷ୍ଣ ମିଶନ ଛାତ୍ରାବାସ ଦାୟିତ୍ୱରେ ଥିବା ସ୍ୱାମୀ ଯୋଗ ପୂର୍ଣ୍ଣାନନ୍ଦ ମହାରାଜା ଏଥିରେ ସହଯୋଗ କରିଥିଲେ।

# 'ଗାନ୍ଧିଜୀଙ୍କ ଆଗମନରେ ଓଡ଼ିଶାରେ ଜନ ଜାଗରଣ ହୋଇଥିଲା'

କଟକ ଅଫିସ, ୩।୧୦

ଓଡ଼ିଶା ନାରୀସେବା ସଂଘ ପକ୍ଷରୁ ଏକ ଅନ୍‌ଲାଇନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାନେତ୍ରୀ ତଥା ସାହିତ୍ୟିକା ମନୋରମା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। 'ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ଏବଂ ନାରୀଶକ୍ତି ଉପରେ ଏହାର ପ୍ରଭାବ' ଶୀର୍ଷକ ଆଲୋଚନା କରାଯାଇଥିଲା। ଏଥିସହ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ. ବନ୍ଦିତା ଦାସ ଯୋଗଦେଇ ଗାନ୍ଧିଜୀଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେଲେ ଏହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ନମିତା ପଣ୍ଡା ଗାନ୍ଧିଜୀଙ୍କ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନ ସମ୍ପାଦିକା ମୀରା ବେଉରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଭାନେତ୍ରୀ ମନୋରମା ମହାପାତ୍ର ଗାନ୍ଧିଜୀଙ୍କ ଆଗମନରେ ଓଡ଼ିଶାରେ ଜନ ଜାଗରଣ ହୋଇଥିଲା ବୋଲି କହିଥିଲେ। ଅନଲାଇନରେ ବିଦ୍ୟାଳୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତା ହୋଇଥିଲା। ଅଭୀପ୍ସା ଦାଶ, ଲତିକା ମହାପାତ୍ର, ପ୍ରଭା ପଟ୍ଟନାୟକ, ସବିତା ଦାସ, ଗୀତାଶ୍ରୀ ଦାସ, ମହିଜା ଦଳବେହେରା, ପଦ୍ମଜା ତ୍ରିପାଠୀ କବିତା ପାଠ କରିଥିଲେ। ଡ. ମଞ୍ଜୁଶ୍ରୀ ପଟ୍ଟନାୟକ ବିଚାରକ ଭାବେ ଯୋଗଦେଇଥିଲେ। ସହସମ୍ପାଦିକା ଇନ୍ଦିରା ଆରୋରା ଧନ୍ୟବାଦ ଦେଇଥିଲେ।

# ସତ୍ୟବାଦୀ ବିଧାୟକଙ୍କ ପାଇଁ ଦୀପଦାନ

କଣାସ,୩।୧୦(ସ୍ୱ.ପ୍ର.)

ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ କରୋନାରେ ଆକ୍ରାନ୍ତ ହୋଇଥିବାରୁ ଶନିବାର କଣାସ ବ୍ଲକ ପାଣ୍ଡିଆକେରା ଗ୍ରା.ପର ଗଡମାଟିଆପଡା ଗ୍ରାମରେ ମହାବୀରଙ୍କ ମନ୍ଦିରରେ ଶତାଧିକବିଜୁଜନତାଦଳରଶୁଭେଚ୍ଛୁମାନେଆରୋଗ୍ୟକାମନାକରିପ୍ରଦୀପପ୍ରଜଳନକରିଛନ୍ତି। ପାଣ୍ଡିଆକେରା ଗ୍ରା.ପ ବିଜେଡି ସଭାପତି ନିରଞ୍ଜନ ମଙ୍ଗରାଜ (କୁରୁପା)ଙ୍କ ଅଧ୍ୟକ୍ଷତାରେ ଶତାଧିକ ମହିଳା ଓ ପୁରୁଷ ବିଧାୟକଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନା କରିଥିଲେ।

# ଦୁର୍ଦ୍ଦଶା ଦେଇଛି କରୋନା, ବୃତ୍ତି ଛଡ଼ାଇ ପାରିନି

କଟକ ଅଫିସ,୩।୧୦

କରୋନା ଅନେକ ବ୍ୟକ୍ତିଙ୍କ ଉପରେ ପ୍ରଭାବ ପକାଇଛି। ସବୁବର୍ଗ ଏବଂ ସବୁକ୍ଷେତ୍ରର ଲୋକେ ଏବେ ଦୁର୍ଦ୍ଦିନରେ। ଘଣ୍ଟା ମରାମତି କରି ପରିବାର ପ୍ରତିପୋଷଣ କରୁଥିବା ଅନେକ ବ୍ୟକ୍ତି ଆଜି କରୋନା ପ୍ରଭାବରେ ବୃତ୍ତି ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ନିଜକୁ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ହେଲେ କଟକ ସହରରେ ଏକ ଛୋଟ ଦୋକାନ ଖୋଲି ଘଣ୍ଟା ମରାମତି କରି ପେଟ ପୋଷୁଥିବା ଜଣେ ବ୍ୟବସାୟୀ କିନ୍ତୁ ନିଜ ବୃତ୍ତି ଛାଡ଼ିପାରି ନାହାନ୍ତି।

କଟକ ସହରର ଦୋଳମୁଣ୍ଡାଇଠାରୁ କଲେଜ ଛକ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ଘଣ୍ଟା ମରାମତି କରି ପରିବାର ଚଳାନ୍ତି। କରୋନା ପୂର୍ବରୁ ଅନେକ ଦୋକାନ ଏହି ଅଞ୍ଚଳରେ ଦେଖିବାକୁ ମିଳୁଥିଲା। ଏବେ କା ଭାଁ ଦେଖିବାକୁ ମିଳୁଛି। ଅନେକ ଦୋକାନ ବନ୍ଦ ହୋଇଗଲାଣି। ବ୍ୟବସାୟ ନ ଥିବାରୁ ଘଣ୍ଟା ବ୍ୟବସାୟୀ ନିଜର ବୃତ୍ତି ବଦଳାଇ ଦେଲେଣି। ହେଲେ ଏବେ ବି ୩୫ ବର୍ଷର ବ୍ୟବସାୟକୁ ଛାଡ଼ି ପରିନାହାନ୍ତି ନୀଳମାଧବ ଲେଙ୍କା। କଲେଜ ଛକ ଅଞ୍ଚଳରେ ନୀଳମାଧବଙ୍କର ଏକ ଘଣ୍ଟା ଦୋକାନ ରହିଛି। ନୀଳମାଧବ ଘଣ୍ଟା ମରାମତି କରି ପରିବାର ଚଳାନ୍ତି। ପୁଅ ଗୋପୀନାଥ ସ୍ନାତକ ପାସ ପରେ କିଛି ଦିନ ହେବ ଏହି ବ୍ୟବସାୟ କରୁଛନ୍ତି। ନିଜ ବ୍ୟବସାୟ ବଢାଇବାକୁ ଲକ୍ଷ୍ୟ ରଖିଥିବା ଗୋପିନାଥଙ୍କ ସ୍ୱପ୍ନ ଏବେ କରୋନା ଯୋଗୁ ସାକାର ହୋଇପାରୁନାହିଁ। ପରିବାରର ସମସ୍ତ ଋଣ ବୋଝ ଏବେ ତାଙ୍କ ଉପରେ। ପରିବାର ପ୍ରତିପୋଷଣ ଓ କରଜ ଟଙ୍କା ଶୁଝିବା ନେଇ ଚିନ୍ତାରେ ପଡ଼ିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଖରେ ତାଙ୍କ ଦୋକାନ ହୋଇଥିବାରୁ ଛାତ୍ରୀଛାତ୍ରମାନେ ଘଣ୍ଟା ମରାମତି କିମ୍ବା ନୂଆ ଘଣ୍ଟା କିଣିବାକୁ ଆସନ୍ତି। ହେଲେ ଗତ ୬ ମାସ ହେବ ରେଭେନ୍ସା ବନ୍ଦ। ଅନ୍ୟ କେହି ମଧ୍ୟ ଆସୁନାହାନ୍ତି । ଯେଉଁଥି ପାଇଁ ବ୍ୟବସାୟ ମାନ୍ଦା। ପୂର୍ବରୁ ଦିନକୁ ୫ରୁ ୬ହଜାର ଟଙ୍କା ହେଉଥିଲା। ଏବେ ୫ଶହ ଟଙ୍କା ପୂରିବା କଷ୍ଟ। ଅନ୍ୟପକ୍ଷେ କମ ଦାମରେ ବଜାରରେ ଘଣ୍ଟା ବିକ୍ରି ହେଉଛି। ତେଣୁ ଲୋକେ ପୁରୁଣା ଘଣ୍ଟା ସଜାଡିବା ପରିବର୍ତ୍ତେ ନୂଆ ଘଣ୍ଟା କିଣୁଛନ୍ତି। ମରାମତି ପାଇଁ ଖୁବ କମ ଲୋକ ଆସୁଥିବା ଗୋପିନାଥ କହିଛନ୍ତି।


ଗୋପୀନାଥ ଘଣ୍ଟା ମରାମତି କରୁଛନ୍ତି।

# ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୩।୧୦

ଖୋର୍ଦ୍ଧାର ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ବିଦ୍ୟୁତ୍ ବିଭାଗରେ ଚାକିରି କରି ଅବସର ପରେ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ। ଅସହାୟ ଗରିବ, ମେଧାବୀ ବିଦ୍ୟାର୍ଥୀଙ୍କୁ ସହଯୋଗ କରୁଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଭାଲିଆବାଡ଼ି ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

### ଦାନ ଉତ୍ସବରେ ରକ୍ତ ଦାନ

ପୁରୀ ଅଫିସ, ୩।୧୦

ଦାନ ଉତ୍ସବ ଅବସରରେ ଶନିବାର ମିଶନ ଓଡ଼ିଶା ଏବଂ କଳିଙ୍ଗ ବୈଶ୍ୟ ଯୁବକ ସଂଘ ମିଳିତ ଆନୁକୂଲ୍ୟରେ କଳିଙ୍ଗ ବୈଶ୍ୟ ଭବନ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମିଶନ ଓଡ଼ିଶା ସମ୍ପାଦକ ମଧୁସୂଦନ ମିଶ୍ର, ଜୟନ୍ତୀ ମହାପାତ୍ର, ବଦ୍ରି ମିଶ୍ରଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା। ବ୍ଲଡ୍ ବ୍ୟାଙ୍କ ଅଫିସର ଡା. ଦୀପକ ସାହୁ ଓ କର୍ମଚାରୀମାନେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ମୋଟ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କେଦାର ମହାପାତ୍ର, ସତ୍ୟ ପାତ୍ର, ବଳରାମ ପାତ୍ର, ସୌମ୍ୟରଞ୍ଜନ ପାତ୍ର, ରାଣୀ ପ୍ରଧାନ, ସାଗରିକା ରଥ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



ହାଥରସ ଗଣ ବଳାତ୍କାର ଘଟଣା ପ୍ରତିବାଦରେ ପୁରୀ ଜିଲା କିନ୍ନର ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା।

